

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448



Vol - 21 Issue No:135 6 September 2025 (Saturday) Rourkela Rs.2.00 Page -1 ୨୧ ବର୍ଷ ସଂଖ୍ୟା:୧୩୫ ୬ ସେପ୍ଟେମ୍ବର ୨୦୨୫ (ଶନିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬


# ମଥୁରାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଭୟାବହ:

## ବୁଡ଼ିଲା ମନ୍ଦିର ପାହାଚ, ଘରେ ପଶିଲା ପାଣି



ମଥୁରା,୫/୯ :ମଥୁରାରେ ବନ୍ୟା ପରିସ୍ଥିତି ଅତ୍ୟନ୍ତ ଭୟାବହ ରୂପ ନେଇଛି । ଯମୁନା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି, ଯାହା ଫଳରେ ମଥୁରାର ବିଭିନ୍ନ ଘାଟ ଏବଂ ତଳିଆ ଅଂଚଳ, ମନ୍ଦିର, ଘର ଜଳମଗ୍ନ ହୋଇଛି । ବିଶେଷ କରି ବିଶ୍ରାମ ଘାଟରେ ଯମୁନାର ପାଣି ପ୍ରବେଶ କରିବା ଖବର ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ଯମୁନାର ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାରୁ, ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସହରର ଅନେକ ଅଂଚଳରେ ପାଣି ପଶିଯାଇଥିବାରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ବ୍ୟବସ୍ଥା କରାଯାଉଛି । ବିଶ୍ରାମ ଘାଟ, ଯାହା ମଥୁରାର ଏକ ପ୍ରମୁଖ ଧାର୍ମିକ ସ୍ଥାନ ଏବଂ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର, ତାହା ମଧ୍ୟ ବନ୍ୟା ପାଣିରେ ବୁଡିଯାଇଛି । ଏହି ଘାଟର ପାହାଚଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପାଣିରେ ବୁଡିଯାଇଛି ଏବଂ ମନ୍ଦିର ନିକଟକୁ ପାଣି ମାଡି ଆସିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏତେ ମାତ୍ରାରେ ଯମୁନାରେ ବନ୍ୟା ଏକ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଦେଖାଯାଇଛି । ଅବିରତ ବର୍ଷା ଏବଂ ଉପରମୁଣ୍ଡରେ ଥିବା ବନ୍ଧଗୁଡ଼ିକରୁ ପାଣି ଛଡାଯିବା ହେତୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ବନ୍ୟା ପାଣି ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହୋଇଛି ଏବଂ ଅନେକ ରାସ୍ତା ବନ୍ଦ ହୋଇଯାଇଛି । ବିଦ୍ୟୁତ୍ ଯୋଗାଣ ମଧ୍ୟ ବାଧାପ୍ରାପ୍ତ ହୋଇଛି । ପ୍ରଶାସନ ତରଫରୁ ଘଉଜର ଏବଂ ଝଉଜର ଟିମ୍ କୁ ମୁତୟନ କରାଯାଇଛି । ଉଦ୍ଧାର କାର୍ଯ୍ୟ ଜାରି ରହିଛି ଏବଂ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଉଛି । ଅସ୍ଥାୟୀ ଆଶ୍ରୟସ୍ଥଳୀ ମଧ୍ୟ ପ୍ରସ୍ତୁତ କରାଯାଇଛି । ମୁଖ୍ୟମନ୍ତ୍ରୀ ଏହି ପରିସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମୁଖ୍ୟମନ୍ତ୍ରୀ



## ଉନ୍ନୟନମୂଳକ ପ୍ରକଳ୍ପ ଉପରେ ଆଲୋଚନା

ନୂଆଦିଲ୍ଲୀ/ଭୁବନେଶ୍ୱର,୫/୯: ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୁରୁବାର ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଏବଂ ଚାଲୁଥିବା ଉନ୍ନୟନମୂଳକ ପ୍ରକଳ୍ପଗୁଡ଼ିକ ବିଷୟରେ ଆଲୋଚନା କଲେ ଏବଂ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ଦୃଷ୍ଟିକୋଣ ସେୟାର କଲେ । ପରେ ସେ ସୋସିଆଲ ମିଡିଆରେ ସେୟାର କଲେ ଯେ ରାଷ୍ଟ୍ରପତିଙ୍କ ସହ ସାକ୍ଷାତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ରାଜ୍ୟର ବିକାଶ ଏବଂ ଭବିଷ୍ୟତ ଯୋଜନା ଉପରେ କେନ୍ଦ୍ରିତ ଥିଲା । ତାଙ୍କ ସରକାରୀ 'ଢ' ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ମାଝୀ ଲେଖିଛନ୍ତି, 'ମୋତେ ନୂଆଦିଲ୍ଲୀରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଜୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବାର ସୌଭାଗ୍ୟ ମିଳିଥିଲା । ଏହି ଅବସରରେ, ଆମେ ଓଡ଼ିଶାର ବିକାଶ ପ୍ରକଳ୍ପ ଏବଂ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଦୃଷ୍ଟିକୋଣ ବିଷୟରେ ଆଲୋଚନା କରିଥିଲୁ ।' ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଆଲୋକପାତ କରିଥିଲେ ଯେ ଏହି ବୈଠକ ରାଜ୍ୟ ବିକାଶକୁ ଆଗକୁ ବଢାଇବା ସହିତ ଜାତୀୟ ପ୍ରାଥମିକତା ସହିତ ସମନ୍ୱୟ ରଖିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଛି । ନୂଆଦିଲ୍ଲୀ ଗସ୍ତ ସମୟରେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ସମେତ ଅନେକ କେନ୍ଦ୍ର ମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ଆଲୋଚନାରେ ଓଡ଼ିଶାର ଭବିଷ୍ୟତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ବିକାଶମୂଳକ ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

# ରାଜ୍ୟରେ ଗଡ଼ିବ ୬୦୦ ଇ-ବସ୍




ଭୁବନେଶ୍ୱର,୫/୯(ନି/ପ୍ର): ରାଜ୍ୟରେ ଗଡ଼ିବ ୬୦୦ ଇ-ବସ୍ । ଏନେଇ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଜାରି କରିଛନ୍ତି । ସେ କହିଛନ୍ତି ଯେ, ପରିବେଶ ସୁରକ୍ଷା ପାଇଁ ଆଗକୁ ର ବସକୁ ଅଧିକ ପ୍ରଚଳନ କରିବାକୁ ସରକାର ଯୋଜନା କରୁଛନ୍ତି । ରାଜ୍ୟରେ ୧୦୦୦ ଇ- ବସର ଆବଶ୍ୟକତା ରହିଛି । ଆଗକୁ ରାଜ୍ୟ ସରକାର ୨୦୦ ଇ- ବସ ଆଣିବେ । ସେ ଆହୁରି କହିଛନ୍ତି ଯେ, ଏହାଶହ ପ୍ରଧାନମନ୍ତ୍ରୀ ମଧ୍ୟ ଓଡିଶାକୁ ୪୦୦ ଇ- ବସ ପ୍ରଦାନ କରିବେ । ମୋଟ ୬୦୦ ର- ବସ ଜନତାଙ୍କୁ ସେବାରେ ଲାଗିବ । ଏବେ ୨୫ ଟି ଇ- ବସ ଆସୁଛି । ଯାହା ସମ୍ବଲପୁରକୁ ପ୍ରଦାନ କରାଯିବ । ପରିବର୍ତ୍ତନ ସମୟରେ ଅନ୍ୟ ଜିଲ୍ଲାକୁ ମଧ୍ୟ ଇ- ବସ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଆମ ବସରେ ଐତିହା ଫଟୋଚିତ୍ର ବାହାର କରାଯିବା ବିରୋଧୀଙ୍କ ମନ୍ତବ୍ୟ ପ୍ରସଙ୍ଗରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିକ୍ରିୟା ରହିଛି । ସେ କହିଛନ୍ତି ବିରୋଧୀଙ୍କ କାଯ୍ୟ ହେଉଛି ବିରୋଧ କରିବା, ଐତିହ୍ୟ କୁ ବୃଦ୍ଧି କରିବା ଆମ ସରକାରଙ୍କ ଦାଇତ୍ୱ । ରେଭିନିଉ ଜେନେରେଟ କରିବା ଆମର ଲକ୍ଷ, ବସ ଯାତ୍ରୀଙ୍କ ପାଇଁ ୧୦ ପ୍ରତିଶତ ଏବଂ ମା ମାନଙ୍କ ପାଇଁ ୧୫ ପ୍ରତିଶତ ଅର୍ଥ ରିହାତି କରାଯାଇଛି.... ଲୋକଙ୍କ ସ୍ୱୋ କରିବା ଆମର ଦାଇତ୍ୱ । ଦୁର୍ଗାପୂଜା ପୂର୍ବରୁ ମରାମତି ହେବ ନଷ୍ଟ ହୋଇଯାଇଥିବା ରାସ୍ତା: ଲଗାଣ ବର୍ଷା କାରଣରୁ ସହରର ଅନେକ ରାସ୍ତାଘାଟ ଖାଲ ହୋଇଯାଇଛି । ଏହି ଖାଲଖୁମା ରାସ୍ତାକୁ ଦୁର୍ଗାପୂଜା ପୂର୍ବରୁ ମରାମତି କରାଯିବ । ସବୁ ବିଭାଗର ସହଯୋଗରେ ହେବ ମରାମତି କାର୍ଯ୍ୟ ।

# ରାଜଧାନୀରେ ଆସାମ ପୁଲିସର ଚଢାଉ



ଭୂବନେଶ୍ୱର,୫/୯(ନି/ପ୍ର): ଭୁବନେଶ୍ୱରରେ ଲୁଚିଥିବା କୁଖ୍ୟାତ ଅପରାଧୀକୁ ଧରିବାକୁ ଆସାମ ପୁଲିସ ଚଢାଉ କରିଛି । ଭୁବନେଶ୍ୱରରେ ଆତ୍ମଗୋପନ କରିଥିବା ଖବର ପାଇବା ପରେ ଆଜି ଆସାମ ପୁଲିସର ଏକ ଟିମ୍ ଆସି ଚଢାଉ କରିଥିବା ସୂଚନା ମିଳିଛି । କମିଶନରେଟ ପୁଲିସ ସହାୟତାରେ ଚଢାଉ କରୁଛି ଆସାମ ପୁଲିସ । ଇନଫୋସିଟି ପୁଲିସ ସହାୟତାରେ ଏକ ଆପାର୍ଟମେଂଟରେ ଚଢାଉ ଜାରି ରହିଛି । ତେବେ କିଏ ସେହି କୁଖ୍ୟାତ ଅପରାଧୀ ତାହା ସ୍ପଷ୍ଟ ହୋଇନି ।

# 'ଟାରିଫ ହଟାଇବାକୁ ନିବେଦନ କରୁଛି ଭାରତ':




## ବିଲିବିଲେଇଲେଣି ଆମେରିକା ରାଷ୍ଟ୍ରପତି !

ନୂଆଦିଲ୍ଲୀ,୫/୯: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ଭାରତକୁ ଟାର୍ଗେଟ କରିଛନ୍ତି । ସ୍କଟ୍ ଜେନିଙ୍ଗସ୍ ରେଡିଓ ଶୋ'ରେ ଏକ ଆଲୋଚନା ସମୟରେ ଟ୍ରମ୍ପ କହିଛନ୍ତି, ଭାରତ ସମସ୍ତ ଶୁଳ୍କ ହଟାଇବାକୁ ପ୍ରସ୍ତାବ ଦେଇଥିଲା, କିନ୍ତୁ ଏହା ସେ ଶୁଳ୍କ ଲାଗୁ କରିବା ପରେ କରିଛି ଭାରତ । ଟ୍ରମ୍ପ ଦାବି କରି କହିଛନ୍ତି, ଯଦି ଆମେରିକା ଟାରିଫ୍ ଭଳି ପଦକ୍ଷେପ ନେଇ ନଥାନ୍ତେ, ତେବେ ଭାରତ କେବେବି ଏପରି ପ୍ରସ୍ତାବ ଦେଇ ନଥାନ୍ତା । ଟ୍ରମ୍ପ ଭାରତକୁ ବିଶ୍ୱର ସବୁଠାରୁ ସର୍ବାଧିକ ଶୁଳ୍କ ଲାଗୁ କରୁଥିବା ଦେଶ ବୋଲି କହିଛନ୍ତି । ସେ କହିଛନ୍ତି, 'ଚୀନ ଆମ ଉପରେ ଶୁଳ୍କ ଲଗାଉଛି, ଭାରତ ଆମ ଉପରେ ଶୁଳ୍କ ଲଗାଉଛି, ବ୍ରାଜିଲ ଆମ ଉପରେ ଶୁଳ୍କ ଲଗାଉଛି । ଆମେ କାହିଁକି ବା କାହା ଉପରେ ଦୟା ମନଭାବ ଦେଖାଇବୁ... ମୁଁ ଏହି ଶୁଳ୍କ ନୀତିକୁ ଭଲ ଭାବେ ବୁଝେ । ତେଣୁ ଟାରିଫ୍ ଲାଗୁ କରିବା ନିଷ୍ପତି ଆମ ହିସାବରେ ଠିକ୍ ଅଛି । ଆଉ ଏବେ ଏହି ଟାରିଫ୍ ନୀତି ଆମେରିକା ପାଇଁ ନେଗୋସିଏସନ୍ ପାଓ୍ୱାର୍ ପାଲଟିଥିବା ଟ୍ରମ୍ପ କହିଛନ୍ତି । ଟ୍ରମ୍ପ ପୁଣି ଥରେ ହାର୍ଲି-ଡେଭିଡସନ ମୋଟରସାଇକଲ ପ୍ରସଙ୍ଗ ଉଠାଇଛନ୍ତି । ସେ କହିଛନ୍ତି, ଭାରତ ଏହି ବ୍ରାଣ୍ଡ ଉପରେ ୨୦୦% ଶୁଳ୍କ ଲାଗୁ କରିଛି, ଯେଉଁଥି ପାଇଁ କମ୍ପାନୀକୁ ସ୍ଥାୟୀ ଭାବରେ ଏକ ପ୍ଲାଂଟ ସ୍ଥାପନ କରିବାକୁ ପଡିଛି । ଟ୍ରମ୍ପ ଆହୁରି କହିଛନ୍ତି, ଏପରି ଶୁଳ୍କ ଆମେରିକୀୟ କମ୍ପାନୀଗୁଡ଼ିକୁ ଭାରତରେ ନିବେଶ କରିବାରୁ ରୋକୁଛି, ନିବେଶ କରିବାରେ ବାଧା ସୃଷ୍ଟି କରୁଛନ୍ତି ।

# ୨୬ଟି ୟୁରୋପୀୟ ଦେଶ ଉପରେ ରାଗିଲା ରୁଷ:




## ୟୁକ୍ରେନ ସମର୍ଥନରେ ନିଷ୍ପତି ଉପରେ ଅସନ୍ତୋଷ

ନୂଆଦିଲ୍ଲୀ,୫/୯: ୨୬ଟି ୟୁରୋପୀୟ ଦେଶ ୟୁକ୍ରେନ ପାଇଁ ସୁରକ୍ଷା ବାହିନୀ ଗଠନ କରିବାକୁ ଏବଂ ୟୁକ୍ରେନୀୟ ସେନାକୁ ସୁଦୃଢ କରିବାକୁ ଘୋଷଣା କରିଛନ୍ତି । ଯାହାକୁ ନେଇ ରୁଷ ନିଜର ଅସନ୍ତୋଷ ପ୍ରକାଶ କରିଛି । ରୁଷ ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଟିଂକୁ କଡା ସମାଲୋଚନା କରିଛି ଏବଂ ଏହି ନିଷ୍ପତ୍ତିକୁ ୟୁରୋପୀୟ ମହାଦେଶ ପାଇଁ ବିପଦର ଗ୍ୟାରେଟିଂ ବୋଲି କହିଛି । ରୁଷର ବୈଦେଶିକ ମନ୍ତ୍ରଣାଳୟ କହିଛି ୟେକ୍ରେନ ପାଇଁ ୟୁରୋପୀୟ ଦେଶମାନଙ୍କର ପ୍ରସ୍ତାବ ମସ୍କୋ ପାଇଁ ସମ୍ପୂର୍ଣ୍ଣ ଗ୍ରହଣୀୟ ନୁହେଁ । ୟୁରୋପୀୟ ଦେଶକୁ ରୁଷର ଚେତାବନୀ ରୁଷ ୟୁରୋପୀୟ ଦେଶମାନଙ୍କୁ କଡା ଚେତାବନୀ ଦେଇଛି । ୟୁରୋପୀୟ ଦେଶମାନଙ୍କୁ ୟୁକ୍ରେନରେ ଯେକୌଣସି ପ୍ରକାରର ବିଦେଶୀ ସୈନ୍ୟ ମୁତୟନକୁ ଉତ୍ତେଜନାମୂଳକ କାର୍ଯ୍ୟ ଭାବରେ ବିବେଚନା କରାଯିବ ଏବଂ ଏହାର କଡା ଜବାବ ଦିଆଯିବ । ସେପଟେ ଏହି ଧମକକୁ ଅଣଦେଖା କରି ସୁରକ୍ଷା ବାହିନୀ ଗଠନ ସହିତ ଜଡିତ ୟୁରୋପୀୟ ନେତାମାନେ ସୁରକ୍ଷା ଗ୍ୟାରେଟିଂ ପାଇଁ ୟୁକ୍ରେନ ରାଷ୍ଟ୍ରପତି ଜେଲେନ୍ସକିଙ୍କ ସହ ସାକ୍ଷାତ କରିଥିଲେ । ଏହାପରେ ସେମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିଥିଲେ ଏବଂ ରୁଷଠାରୁ ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଟିଂ ଦାବି କରିଥିଲେ ।

# ୩.୮୪ ଲକ୍ଷରୁ ଅଧିକ ଜନସଂଖ୍ୟା ବନ୍ୟା ଦ୍ୱାରା ପ୍ରଭାବିତ

## ୨୦,୯୭୨ ଜଣଙ୍କୁ କରାଗଲାଣି ଉଦ୍ଧାର



ଅମୃତସର,୫/୯ :ବନ୍ୟା ସହ ଲଢ଼େଇ କରୁଛି ପୂରା ପଞ୍ଜାବ ସହର । ଏହି ପ୍ରକୃତିକ ବିପର୍ଯ୍ୟାୟରେ ଏବେ ସୁଦ୍ଧା ୪୩ ଲୋକଙ୍କ ଜୀବନ ଯାଇ ସାରିଲାଣି । ଯେବେ କି ୧.୭୧ ଲକ୍ଷ ହେକ୍ଟର ଜମିରେ ହୋଇଥିବା ଫସଲ ବନ୍ୟା ଜଳରେ ବର୍ବାଦ ହୋଇଛି । ୨୩ଟି ଜିଲ୍ଲାର ସମୁଦାୟ ୧୯୦୨ଟି ଗାଁ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଛି । ଯାହା ଦ୍ୱାରା ୩,୮୪,୨୦୫ ଜଣ ଲୋକ ପ୍ରଭାବିତ ହୋଇଛନ୍ତି । ଏହା ସହିତ, ବନ୍ୟା ପ୍ରଭାବିତ ଅଂଚଳରୁ ଏପର୍ଯ୍ୟନ୍ତ ୨୦,୯୭୨ ଜଣଙ୍କୁ ଉଦ୍ଧାର କରାଯାଇଛି । ପଞ୍ଜାବ ରାଜସ୍ୱ, ପୁନର୍ବାସ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ହରଦୀପ ସିଂହ ମୁଣ୍ଡିଆନ ଏନେଇ ସୂଚନା ଦେଇଛନ୍ତ । ସେ କହିଛନ୍ତି ଯେ ଭୟଙ୍କର ବନ୍ୟା ଯୋଗୁ ୨୩ଟି ଜିଲ୍ଲାର ମୋଟ ୧,୯୦୨ଟି ଗାଁ ପ୍ରଭାବିତ ହୋଇଛି । ଯାହା ଯୋଗୁ ୩.୮୪ ଲକ୍ଷରୁ ଅଧିକ ଜନସଂଖ୍ୟା ପ୍ରଭାବିତ ହୋଇଛି । ଏପର୍ଯ୍ୟନ୍ତ ବନ୍ୟା ପ୍ରଭାବିତ ଅଂଚଳରୁ ୨୦,୯୭୨ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି । ୨୪ ଘଟାଂ ମଧ୍ୟରେ ଆଉ ୬ ଜଣଙ୍କର ମୃତ୍ୟୁ ହୋଇଛି । ଏହା ସହିତ ୧୪ ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୪୩କୁ ବୃଦ୍ଧି ପାଇଛି । ହୋସିଆରପୁର (୭), ପଠାନକୋଟ (୬), ବର୍ଣ୍ଣାଲା ଏବଂ ଅମୃତସର (୫-୫), ଲୁଧିଆନା ଏବଂ ବଥିଣ୍ଡା (୪-୪), ମାନସା (୩), ଗୁରୁଦାସପୁର ଏବଂ ଏସ୍ଏଏସ୍ ନଗର (୨-୨), ପଟିଆଲା, ରୂପନଗର, ସଂଗରୁର, ଫଜିଲ୍କା ଏବଂ ଫିରୋଜପୁରରୁ ଗୋଟାଏ ଲେଖାଏ ରେକର୍ଡ ହୋଇଛି । ସେ କହିଛନ୍ତି ଯେ ଗୁରଦାସପୁର, ଅମୃତସର, ଫାଜିଲକା, ଫିରୋଜପୁର ସମେତ ୧.୭୧ ଲକ୍ଷ ହେକ୍ଟରରୁ ଅଧିକ କୃଷି ଜମିରେ ଫସଲର ବ୍ୟାପକ କ୍ଷତି ହୋଇଥିବା ରିପୋର୍ଟ କରାଯାଇଛି ।

# 'ଜାତୀୟ ଶିକ୍ଷକ ପୁରସ୍କାର- ୨୦୨୫' ପ୍ରଦାନ କଲେ ମାନ୍ୟବର ରାଷ୍ଟ୍ରପତି



ନୂଆଦିଲ୍ଲୀ/ଭୁବନେଶ୍ୱର,୫/୯ :ପବିତ୍ର 'ଗୁରୁ ଦିବସ' ଅବସରରେ ଶୁକ୍ରବାର ନୂଆଦିଲ୍ଲୀ ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଓଡ଼ିଶା ସମେତ ଭାରତବର୍ଷର ୮୧ ଜଣ ଶ୍ରେଷ୍ଠ ଶିକ୍ଷକଙ୍କୁ ସମ୍ମାନଜନକ 'ଜାତୀୟ ଶିକ୍ଷକ ପୁରସ୍କାର- ୨୦୨୫' ପ୍ରଦାନ କରିଛନ୍ତି । ସେଥିମଧ୍ୟରୁ ଭାରତ ସରକାରଙ୍କ ସ୍କୁଲ ଶିକ୍ଷା ଓ ସ୍ୱାକ୍ଷରତା ବିଭାଗର ୪୫ ଜଣ ଶିକ୍ଷକଙ୍କୁ 'ଜାତୀୟ ଶିକ୍ଷକ ପୁରସ୍କାର'ରେ ସମ୍ମାନିତ କରାଯାଇଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗରେ ୨୧ ଜଣ ଗୁରୁ ଏବଂ ଅନ୍ୟ ବିଭାଗର ଶିକ୍ଷକମାନେ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି । ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ବର୍ଣ୍ଣାଢ୍ୟ ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ପ୍ରତିଭାବାନ ଶିକ୍ଷକମାନଙ୍କୁ ଜାତୀୟ ଶିକ୍ଷା ପୁରସ୍କାରରେ ସମ୍ମାନିତ କରିବା ସହ ଆଶୀର୍ବାଦ ଓ ମାର୍ଗଦର୍ଶନ ଦେଇଥିବାରୁ ମାନ୍ୟବର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି । 'ଗୁରୁ ଦିବସ'ର ଶୁଭେଚ୍ଛା ଜଣାଇବା ସହ ସମ୍ମାନିତ ଶିକ୍ଷାବିତମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ ।

# ୨ ଶିକ୍ଷକ ପାଇଲେ ଜାତୀୟ ଶିକ୍ଷକ ପୁରସ୍କାର

ମାଲକାନଗିରି,୫/୯(ନି/ପ୍ର): ଜାତୀୟ ଶିକ୍ଷକ ପୁରସ୍କାର ପାଇଁ ମନୋନୀତ ମାଲକାନାଗିରି ଜିଲ୍ଲାର ବସନ୍ତ କୁମାର ରଣା, କନ୍ଦେଲ୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କୋରାପୁଟ ଜିଲ୍ଲାରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କୋରାପୁଟରେ କାର୍ଯ୍ୟ ରତ ତରୁଣ କୁମାର ଦାସଙ୍କୁ ଆଜି ଜାତୀୟ ଶିକ୍ଷକ ପୁରସ୍କାରରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଏହି ପୁରସ୍କାର ସ୍ୱରୂପ ତାଙ୍କୁ ୫୦ ହଜାର ଟଙ୍କା ନଗଦ ରାଶି ଓ ମାନପତ୍ର ସହିତ ସମ୍ବର୍ଦ୍ଧନା କରା ଯାଇଥିଲା । କାର୍ଯ୍ୟକ୍ରମରେ ଭାରତର ମହାମହିମ ରାଷ୍ଟ୍ରପତି, ଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ ମଧ୍ୟ ଉପସ୍ଥିତ ଥିଲେ । ପୁରସ୍କାର ପୂର୍ବ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ସମସ୍ତ ଶିକ୍ଷକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶିକ୍ଷାକ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଏହି ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପରେ ଶୁଭେଚ୍ଛାର ସୁଅ ଛୁଟିଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏହି ଗୌରବମୟ ମୁହୂର୍ତ୍ତରେ ଜିଲ୍ଲା ଓ ରାଜ୍ୟକୁ ଗୌରବାନ୍ୱିତ କରିଥିବା ଏହି ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ଚିନ୍ମରଞ୍ଜନ ପାଣିଗ୍ରାହୀ ନୂଆଦିଲ୍ଲୀ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷକଦ୍ୱୟଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି ।






କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଜିଲ୍ଲା ସଭାପତି ଚୟନ ଲାଗି କଂଗ୍ରେସର ଗୁରୁତ୍ୱ

## ଏଆଇସିସି ପର୍ଯ୍ୟବେକ୍ଷକ ଥିବାରୁ ଆସାନ ମୌଲାନାଙ୍କ ସାମ୍ବାଦିକ ସମ୍ମିଳନୀ




କେନ୍ଦୁଝର,୫/୯(ନି/ପ୍ର):କେନ୍ଦୁଝର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଆଜି ଚଳଚଞ୍ଚଳ ହୋଇ ଉଠିଥିଲା। ଜିଲ୍ଲା ସଭାପତି ଚୟନ ଲାଗି ଭାରତୀୟ ଜାତୀୟ କଂଗ୍ରେସ ମୁଖ୍ୟାଳୟରୁ ଥିବୁ ଆସାନ ମୌଲାନା କେନ୍ଦୁଝର ଜିଲ୍ଲା ଲାଗି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇ କାଲି ଆସି ପହଂଚି ଥିବା ଜଣାଯାଇଛି। ସେ କାଲି ପ୍ରବଳ ବର୍ଷା ସତ୍ତ୍ୱେ ଅନେକ ବୁଦ୍ଧିଜୀବୀ ଓ କଂଗ୍ରେସ କର୍ମୀଙ୍କୁ ଭେଟି ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲାରେ କଂଗ୍ରେସର ଉପସ୍ଥିତି ନେଇ ଅନୁଧ୍ୟାନ କରିଥିଲେ। ତେବେ ଆଜି ଦିନ ୧୨ଟାରେ ଜିଲ୍ଲା କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ତାଙ୍କର ଗସ୍ତ କାର୍ଯ୍ୟକ୍ରମ ସହ କଂଗ୍ରେସର ଉତଥାନ ସମ୍ପର୍କରେ ଅବଗତ କରିଥିଲେ। ଆଜି ଲୋକେ କଂଗ୍ରେସକୁ ଲୋଡ଼ୁଛନ୍ତି ଏକ ଶକ୍ତ ବିରୋଧୀ ଦଳ ଭାବେ କଂଗ୍ରେସ ଏବେ ଲୋକଙ୍କ ଆସ୍ଥା ଭାଜନ ହୋଇଛି। ଦଳର ନେତା ରାହୁଲ ଗାନ୍ଧୀ ଦଳର ସଭାପତି ମଲ୍ଲୀକାର୍ଜ୍ଜୁନ ଖାଡ଼ଗେ ଭୋଟ ଚୋରୀ ପ୍ରସଙ୍ଗ ଉଠାଇ ଲୋକଙ୍କ ସମର୍ଥନ ପାଉଛନ୍ତି। ବିହାରରେ ରାହୁଲଙ୍କୁ ଅଭୁତପୂର୍ବ ଲୋକ ସମର୍ଥନ ସ୍ନେହ ମିଳିଛି। ଓଡ଼ିଶାରେ ମଧ୍ୟ କଂଗ୍ରେସ ଭକ୍ତ ଦାସଙ୍କ ନେତୃତ୍ୱରେ ଲଢେଇ କରି ଦକ୍ଷତା ପ୍ରତିପାଦନ କରିଛି। ଏଥର କଂଗ୍ରେସ ଲୋକଙ୍କ ସହ ବେଶୀ ଯୋଡ଼ି ହେବାକୁ ଜିଲ୍ଲା ସଭାପତି ଚୟନ ଲାଗି ବ୍ୟାପକ ବ୍ୟବସ୍ଥା କରିଛି। ତେଣୁ ଏଆଇସିସି ପକ୍ଷରୁ ତାମିଲନାଡୁର ବିଧାୟକ ଥିବୁ ଆସାନ ମୌଲାନାଙ୍କୁ କେନ୍ଦୁଝର ପଠା ଯାଇଛି ସେ ଦଳୀୟ କର୍ମୀ ନେତାଙ୍କୁ ବ୍ଲକ ନଗରପାଳିକା ସ୍ତରରେ ଯାଇ ଭେଟି ଜିଲ୍ଲା ସଭାପତି ଚୟନ ଲାଗି ସୁପାରିଶ କରିବେ। ତାଙ୍କୁ ଏହି କାର୍ଯ୍ୟ ଲାଗି ପିସିସି ପକ୍ଷରୁ ସହ ପର୍ଯ୍ୟବେକ୍ଷକ ରୂପେ ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଓ ବରିଷ୍ଠ କଂଗ୍ରେସ ନେତା ଯୋଗେଶ ଆଗ୍ରୱାଲ ସହଯୋଗ କରିବେ। ଆଜି ପ୍ରେସ ମିଟରେ ଜିଲ୍ଲା କଂଗ୍ରେସ ସଂଯୋଜିକା ସଂଗୀତା ସିଂହ ଅତିଥି ପରିଚୟ କରି ସ୍ୱାଗତ ଭାଷଣ ରଖିଥିଲେ ସେହିପରି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମାର୍ଗଦର୍ଶନ କରିଥିଲେ। ପ୍ରେସ ମିଟ ପରେ ପର୍ଯ୍ୟବେକ୍ଷକ ଜଣେ ଜଣେ କଂଗ୍ରେସ ନେତା କର୍ମୀଙ୍କୁ ଡାକି ଆଲୋଚନା କରିଥିଲେ ଜିଲ୍ଲା ସାରାରୁ ବହୁ କଂଗ୍ରେସ କର୍ମୀ ଓ ନେତା ଯୋଗ ଦେଇଥିଲେ ଅନେକ ଦଳ ଛାଡ଼ିଥିବା ନେତା ମଧ୍ୟ ଉପସ୍ଥିତ ଥିଲେ। ଏହାପରେ କାଲିଠାରୁ ପର୍ଯ୍ୟବେକ୍ଷକ ଜିଲ୍ଲା ସାରା ବୁଲି କଂଗ୍ରେସ କର୍ମୀଙ୍କୁ ଭେଟିବା ସହ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଜିଲ୍ଲାରେ ଅନେକ ସମସ୍ୟା ଥିବାରୁ ଜଣେ ଦକ୍ଷ ସଚ୍ଚୋଟ ବ୍ୟକ୍ତି ଜିଲ୍ଲା ସଭାପତି ହୁଅନ୍ତୁ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଚମ୍ପୁଆ ବନାଂଚଳରେ ଦନ୍ତା ଆତଙ୍କ :

## ନିୟନ୍ତ୍ରଣ କରିବାରେ ବନବିଭାଗ ବିଫଳ

ଚମ୍ପୁଆ, ୫/୯(ନି/ପ୍ର):ଚମ୍ପୁଆ ବନାଂଚଳରେ ହାତୀ ଉପଦ୍ରବ ଜାରୀ ରହିଛି। ହାତୀ ପଲ ନିୟମିତ ଭାବେ ଜନବସତି ଭିତରକୁ ପଶି ବ୍ୟାପକ କ୍ଷୟକ୍ଷତି କରୁଥିବାବେଳେ ବନବିଭାଗ ଦନ୍ତା ହାତୀ ପଲଙ୍କୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦେଖିବାକୁ ମିଳୁଛି। ଗତ ରାତି ପ୍ରାୟ ଏଗାରଟା ସମୟରେ ବାଲିବନ୍ଧ ସେକ୍ସନ୍‌ରେ ଡେରା ପକାଇ ଥିବା ୩୦ ଟିକିଆ ହାତୀ ପଲରୁ ଗୋଟିଏ ଦନ୍ତା ଚମ୍ପୁଆ ବ୍ଲକ୍‌ର ସୁନାପଶି ପଂଚାୟତ ଇନ୍ଦ୍ରପ୍ରସ୍ଥ(ତଳବେଡ଼ା) ଗ୍ରାମରେ ପଶି ଦୁଇଟି ଘର ଭାଙ୍ଗିବା ସହ ବ୍ୟାପକ ଧାନ ଫସଲ ନଷ୍ଟ କରିଛି। ଦନ୍ତାଟି ଗ୍ରାମର ନବକିଶୋର ମହାନ୍ତ ଓ ପଟେଲ୍ ମହାନ୍ତଙ୍କ ଘରଭାଙ୍ଗି ଧାନଚାଉଳ ଖାଇଯାଇଥିଲା। ତେବେ ଘରଲୋକେ ଶୋଇନଥିବାରୁ ଏକ ବିରାଟ ଅଘଟଣରୁ ଅଳ୍ପକେ ବର୍ତି ଯାଇଥିଲେ। ଘର ଭାଙ୍ଗିବା ପରେ ହାତୀଟି ଗ୍ରାମର ଚାଷଜମିଗୁଡ଼ିକରେ ପଶି ହୋଇଥିବା ଧାନ ଫସଲ ଖାଇବା ସହ ମାଡିଦଳି ନଷ୍ଟ କରିଥିଲା। ହାତୀ ଉପଦ୍ରବ ଯୋଗୁଁ ଗ୍ରାମର ଚାଷୀ ଯଦୁମଣି ମହାନ୍ତ, ସଞ୍ଜୟ ମହାନ୍ତଙ୍କ ସମେତ ଅନ୍ୟ ଚାଷୀମାନଙ୍କ ବ୍ୟାପକ ଫସଲ କ୍ଷତି ହୋଇଛି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତମାନଙ୍କୁ ଅତିଶୀଘ୍ର କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ହାତୀ ପଲ ଭିତରୁ ୨୯ଟି ହାତୀ ଆଜି କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଡେରା ପକାଇ ଥିବାବେଳେ ଦନ୍ତାଟି ବାରମ୍ବାର ସ୍ଥାନ ବଦଳାଉଥିବା ନେଇ ସୂଚନା ମିଳିଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଆତଙ୍କ ସୃଷ୍ଟି ହୋଇଛି।

# ଥାନା ଅଧିକାରୀଙ୍କୁ ସାକ୍ଷାତ କଲେ ଭାରତୀୟ ମାନବାଧିକାର ପରିଷଦ ସଦସ୍ୟ

ଘଟଗାଁ, ୫/୯(ନି/ପ୍ର): ଘଟଗାଁରେ ଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲଙ୍କ ଯୋଡ଼ା ଥାନାକୁ ବଦଳି ହେବା ପରେ ଘଟଗାଁ ଥାନାକୁ ନୂତନ ଥାନା ଅଧିକାରୀ ଭାବେ ପୂର୍ବରୁ ଥିବା ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା ପୁନର୍ବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଜେନା ଦାୟିତ୍ୱ ଭାର ଗ୍ରହଣ କରିବା ପରେ ଭାରତୀୟ ମାନବାଧିକାର ପରିଷଦ ଘଟଗାଁ ଶାଖା ସଭାପତି ଧରଣୀ ପାତ୍ର, କାର୍ଯ୍ୟ ନିର୍ବାହୀ ସଭାପତି ତ୍ରିଲୋଚନ ପାତ୍ର, ସମ୍ପାଦକ ପ୍ରଦୀପ ଦାସ, କୋଷାଧକ୍ଷ ମହେନ୍ଦ୍ର ପାତ୍ର ପ୍ରଭୃତି ଏକତ୍ରିତ ହୋଇ ପୁଷ୍ପ ଗୋଛ ଓ ଉତରୀୟ ଦେଇ ସ୍ୱାଗତ କରିଥିଲେ। କେନ୍ଦୁଝର ଜିଲ୍ଲାର ପ୍ରମୁଖ ତ୍ରିର୍ଥ ସ୍ଥଳୀ ଘଟଗାଁ ମା ତାରିଣୀ ପୀଠ କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରେ ମଧ୍ୟ ବେଶ ପ୍ରସିଦ୍ଧ ହୋଇଥିବାରୁ ଏଠାକୁ ପ୍ରତେକ ଦିନ ମାଙ୍କ ଦର୍ଶନ ନିମନ୍ତେ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମାନେ ଆସିଥାନ୍ତି। ମାଙ୍କ ଦର୍ଶନ ସାରି ପ୍ରାକୃତିକ ସୌନ୍ଦର ?ୟ ଭରା ଗୁଣ୍ଡିଚା ଘାଗି ଜଳପ୍ରପାତ ର ଆନନ୍ଦ ନେଇ ଥାନ୍ତି।ଘଟଗାଁ ଭଳି ସମ୍ବେଦନଶୀଳ ଜାଗାରେ ଶାନ୍ତି ଶୃଙ୍ଖଳା ପ୍ରତି ଦୃଷ୍ଟି ଦେବା ସହ ଟ୍ରାଫିକ ସମସ୍ୟା ଦୂର କରିବା ଉପରେ ଭାରତୀୟ ମାନବାଧିକାର ପରିଷଦ ସଦସ୍ୟ ମାନେ ପୁଙ୍ଖାନୁ ପୁଙ୍ଖ ନୂତନ ଥାନା ଅଧିକାରୀ ଙ୍କ ସହ ଆଲୋଚନା କରିଥିଲେ।

# କେନ୍ଦୁଝରରେ ଏଡ଼ସ ସଚେତନତା ଗଣଦୌଡ଼



କେନ୍ଦୁଝର,୫/୯(ନି/ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଓସାକ୍ସ ଆନୁକୂଲ୍ୟରେ ଏଡ଼ସ ସଚେତନତା ଗଣଦୌଡ଼ ସରକାରୀ ମହିଳା ମହାବିଦ୍ୟାଳୟ ରୁ ଆରମ୍ଭ ହୋଇ ସହର ପରିକ୍ରମା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ସମାପ୍ତି ହୋଇଥିଲା, ଅଧକ୍ଷ ଲଳିତ ରଞ୍ଜନ ସାହୁ ଗଣ ଦୌଡ଼ କୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ, ଏହି ଗଣସଚେତନତା ଦୌଡ଼ ରେ ଧରଣୀଧର ବିଶ୍ୱବିଦ୍ୟାଳୟ ସମେତ ଆଖପାଖ ର ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ଗଣ ଅଂଶ ଗ୍ରହଣ କରିଥିଲେ, ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ସମଗ୍ର କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ଡିପିଏମ ନିତ୍ୟରଞ୍ଜନ ବରାଳ, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଏ ଆର ଖାନ, ଆଡିଶନାଲ ଡିସଟ୍ରିକ୍ଟ ପବ୍ଲିକ ହେଲଥ ଅଫିସର(ଯକ୍ଷ୍ମା) ଡାକ୍ତର ନିଲମ ମହାନ୍ତି,ଡାକ୍ତର ଏଲ କେ ମହାନ୍ତ ଏଡିପିଏଚଓ (ପରିବାରନିୟନ୍ତ୍ରଣ )ଭରତ କୁମାର ସାହୁ ଡିପିଏଚସିଓ, ବୃନ୍ଦାବନ ସାହୁ ଷ୍ଟାଟିସଟିକାଲ ଆସିଷ୍ଟା[, ପ୍ରକାଶ କୁମାର ଦାସ ସିଏସଓ ଦିଶା, ଦେବାନନ୍ଦ ନାଏକ ଆସିଷ୍ଟାଂଟପ୍ରଫେସର ରାଜନୀତି ବିଜ୍ଞାନ ଅତିଥିଭାବେ ଯୋଗଦେଇ ଏଡ଼ସ ମହାମାରୀ ରୁ ନିଜକୁ ଯୁବ ପୀଢ଼ି କୁ ଦୂରେଇ ରଖି ଏକ ସୁସ୍ଥ ସମାଜ ଗଠନ ପାଇଁ ଚାଲେଞ୍ଜ ସୃଷ୍ଟି କରିଥିବା ବେଳେ ଏହାକୁ କେବଳ ଯୁବ ଶକ୍ତି ହିଁ ପ୍ରତିହତ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ, ଏସଏମଆର କଲେଜର ତୁରମ ପୂର୍ତି, ତୃପ୍ତିମୟୀ ଦାସ, କେନ୍ଦୁଝର ମହିଳା ମହାବିଦ୍ୟାଳୟ ର ଲକ୍ଷ୍ମୀପ୍ରିୟା ବାରିକ, କୌଶଲ୍ୟା ନାଏକ, ତପସ୍ୱିନୀ ମୁଣ୍ଡା, ଧରଣୀଧର ବିଶ୍ୱବିଦ୍ୟାଳୟ ର ରଞ୍ଜନ ସୋରେନ, ବାପୁନ କୁଲାଣ୍ଡିଆ,ଲକ୍ଷ୍ମଣ ମୁର୍ମୁ, ମିନାକ୍ଷୀ ପୂର୍ତ୍ତି, ଏହି ମାରାଥନ ଦୌଡ଼ ରେ କୃତକାର୍ଯ୍ୟ ହୋଇ ଆସନ୍ତା ଦଶ ତାରିଖ ରେ ରାଜ୍ୟ ସ୍ତରୀୟ ସଚେତନ ଦୌଡ଼ ରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି, ଉକ୍ତ କାର୍ଯ୍ୟକ୍ରମ ରେ ବିଭିନ୍ନ କଲେଜ ର ଅଧ୍ୟାପକବୃନ୍ଦ, ଜିଲ୍ଲା ଆଇସିଟିସି କର୍ମକର୍ତା ବୃନ୍ଦ ସହଯୋଗ କରିଥିଲେ, ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା

# ଚୋରା ଚାଲାଣ ଗୋରୁ ଓ ଗାଡି ଉଦ୍ଧାର

ଘଟଗାଁ, ୫/୯(ନି/ପ୍ର): ରାଜ୍ୟରେ ଧିରେ ଧିରେ ଗୋରୁ ଚାଲାଣ ଥମିବାରେ ନାଁ ଧରୁ ନାହିଁ। ପ୍ରତେକ ଦିନ ଗୋରୁ ଚୋରା ଚାଲାଣ ଟ୍ରିପ ଟ୍ରିପ ବୃଦ୍ଧି ପାଉଛି କିନ୍ତୁ ଥମିବାର ନାଁ ଧରୁ ନାହିଁ।ଆଜି ଭୋର ସକାଳୁ ଗୋରୁ ମାଫିଆ ମାନେ ଜେ.ଏଚ ୦୫ ଭି ୩୬୬୭ ଏକ ବୋଲେର ଗାଡି ଯୋଗେ ଗୋରୁ ଗୁଡିକକୁ ନେଇ ଯାଉଥିବା ବେଳେ ବଜରଙ୍ଗ ଦଳ ଖବର ପାଇ ପିଛା କରିଥିଲେ।ବଜରଙ୍ଗ ଦଳ ପିଛା କରୁଥିବା ଖବର ପାଇ ଚାଳକ ଦ୍ରୁତ ଗତିରେ ଗାଡି ଚଳାଉଥିବା କାରଣରୁ ଭାରଶ୍ୟାମ ହରାଇ ଘଟଗାଁ ଥାନା ପାଉଛିଆ ନିକଟରେ ଗାଡି ରାସ୍ତା କଡ଼କୁ ଖସି ଯାଇଥିଲା। ଫଳରେ ଘଟଣା ସ୍ଥଳରୁ ଚାଳକ ଓ ଗୋରୁ ମାଫିଆ ଚମ୍ପଟ ମାରି ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ।ସ୍ଥାନୀୟ ଲୋକେ ଓ ବଜରଙ୍ଗ ଦଳ ଗୋରୁ ଗୁଡିକକୁ ଉଧାର କରି ଚିକିତ୍ସା କରିଥିଲେ। ପରେ ଘଟଗାଁ ପୋଲିସ ପହଂଚି ଗାଡି ଟିକୁ ଏକ ଟ୍ରାକ୍ଟର ସାହାଯ୍ୟରେ ଉଧାର କରି ଅଧିକ ତଦନ୍ତ ଚଳାଇଛନ୍ତି।ଏବେ ସାଧାରଣରେ ଆଲୋଚନା ଗୋରୁ ଚୋରା ଚାଲାଣ ଖବର ବଜରଙ୍ଗ, ଗୋ - ରକ୍ଷକ ଓ ଅନ୍ୟ ଦଳ ପାଉଥିବା ବେଳେ ପୋଲିସ ପାଖରେ କେମିତି କୌଣସି ସୂଚନା ରହୁ ନାହିଁ। ନାଁ ପୋଲିସ ଜାଣିଶୁଣି ନିରବ ରହୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

# ବିଶ୍ୱର ସର୍ବ ବୃହତ ଏକକ ରଥର ମୁଖ୍ୟ କାରିଗର କୁଳମଣି ମହାରଣାଙ୍କୁ ସମ୍ମାନିତ

କେନ୍ଦୁଝର,୫/୯(ନି/ପ୍ର): ବିଶ୍ୱର ସର୍ବ ବୃହତ ଏକକ ରଥର ମୁଖ୍ୟ କାରିଗର କୁଳମଣି ମହାରଣାଙ୍କୁ ସମ୍ମାନିତ କଲା କେନ୍ଦୁଝରଗଡ଼ ପୌରପାଳିକା। ୭୫ତମ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଅବସର କେନ୍ଦୁଝରଗଡ଼ ପୌରପାଳିକା ତରଫରୁ କେନ୍ଦୁଝର ରାଷ୍ଟ୍ର ଦେବତା ପ୍ରଭୁ ବଳଦେବଜୀଉଙ୍କ ରଥ ଏବଂ ଯାହାକି ବିଶ୍ୱର ସର୍ବ ବୃହତ ଏକକ ରଥଟ ମାନ୍ୟତା ପାଇ ପାଇଥିବା ନନ୍ଦିଘୋଷ ରଥର ମୁଖ୍ୟ କାରିଗର ଶ୍ରୀ କୁଳ କୁଳମଣି ମହାରଣାଙ୍କୁ ଦୀର୍ଘ ୫୦ବର୍ଷ ଧରି କାରିଗର ଭାବରେ ବରେ ଓ ୨୭ବର୍ଷ ଧରି ରଥର ମୁଖ୍ୟ କାରିଗର ଭାବରେ ଦାୟିତ୍ୱ ତୁଲାଇ ଥିବାରୁ ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। 'ଜୀବନ ରେ ଯେତେ ଅଭାବ, ଯନ୍ତ୍ରଣା ତଥା ପ୍ରତିକୂଳ ପରିସ୍ଥିତି ଆସିଥିଲେ ମଧ୍ୟ ପଛଘୁଚାଂ ନଦେଇ ଦେବ ଶ୍ରୀବଳଦେବଜୀଉଙ୍କର କୃପାଲାଭ କରି ଚତୁର୍ଦ୍ଧାମୂରତିଙ୍କ ଘୋଷଯାତ୍ରା ପାଇଁ ଓ ଭକ୍ତି ଏବଂ ଭଗବାନଙ୍କ ଅପୂର୍ବ ମିଳନର ସଂଯୋଗ ହେତୁ ନିଷ୍ଠାର ସହିତ ଏହି ସେବା କରନ୍ତି ବୋଲି କହିଛନ୍ତି ଶ୍ରୀ ମହାରଣା। ସମ୍ମାନିତ ହେବା ପରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ତାଙ୍କ ବାସ ଭବନକୁ ଯାଇ ଶୁଭେଚ୍ଛା ଜଣାଇବା ସହିତ ପ୍ରଶଂସିତ କରିଛନ୍ତି।

# ଗଣେଶ ପୂଜା ମେଳଣରେ ଗଣ୍ଡଗୋଳ :

## ପୁଲିସ ଅଧିକାରୀଙ୍କୁ ଆକ୍ରମଣ, ପୋଷାକ ଚିରିଦେଲେ, ମୁଥ ମାରିଲେ



ଅନୁଗୁଳ,୫/୯(ନି/ପ୍ର): ଗଣେଶ ପୂଜା ମେଳଣ ଶୋଭାଯାତ୍ରା ସମୟରେ ଅଧିକ ଶବ୍ଦରେ ଗୀତ ବଜାଇବାକୁ ନେଇ ହୋଇଛି ଗଣ୍ଡଗୋଳ। ଏ ନେଇ ପୁଲିସ ଉପରେ ଆକ୍ରମଣ ହୋଇଛି। ଖାକି ପୋଷାକ ଚିରିଦେବା ସହ ପୁଲିସକୁ ମୁଥ ମରାଯାଇଛି। ଏହାପରେ ପୁଲିସ ଗଣ୍ଡଗୋଳ କରୁଥିବା କିଛି ଯୁବକଙ୍କୁ ଉଠାଇ ନେଇଛି। ଅନୁଗୁଳ ସହରରେ ଆଜି ଗଣେଶ ପୂଜା ମେଳଣ ଶୋଭାଯାତ୍ରା ଚାଲିଥିଲା। ସନ୍ଧ୍ୟାରେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ତୁରଙ୍ଗର ଏକ ପୂଜା କମିଟିର ଶୋଭାଯାତ୍ରା ପହଂଚିଥିଲା। ଏହି କମିଟିର କିଛି ସଦସ୍ୟ ଅଲ୍ଟିମେଟ୍ କ୍ଲବ୍‌ର ଶୋଭାଯାତ୍ରାରେ ନାଚୁଥିଲେ। ଏହି ସମୟରେ ଅଧିକ ସାଉଣ୍ଡ୍ ଦେଇ ଗୀତ ବଜାଇବାରୁ ପୁଲିସ ବାରଣ କରିଥିଲା। କିନ୍ତୁ ସେମାନେ ନ ଶୁଣି ଜୋର କରି ଗୀତ ବଜାଇଥିଲେ। ସେଠାରେ ଥିବା ଜଣେ ପୁଲିସ ଅଧିକାରୀ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଠେଲାପେଲା କରିଥିଲେ। ତାଙ୍କ ପୁଲିସ ପୋଷାକ ଚିରିଦେବା ସହ ମୁଥ ମାରିଥିଲେ। ପାଖରେ ଥିବା ଅନ୍ୟ ଜଣେ ପୁଲିସ ଅଧିକାରୀଙ୍କୁ ବି ଛାଡ଼ି ନ ଥିଲେ। ଏହାକୁ ନେଇ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ଆକ୍ରମଣରେ ପୁଲିସ ଅଧିକାରୀ ଆଶିଷ ସ୍ୱାଇଁ ଓ ପ୍ରୀତିରାଜ ମହାନ୍ତି ଆହତ ହୋଇଥିଲେ। ପରେ ଟାଉନ୍ ଥାନା ଅଧିକାରୀ ଧୀରେଶ ଦାସ ଘଟଣାସ୍ଥଳରେ ପହଂଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗଣ୍ଡଗୋଳ କରୁଥିବା କମିଟିର କିଛି ସାଉଣ୍ଡ ସିଷ୍ଟମ୍ ଜବତ କରିଛି ପୁଲିସ। ଏହାପରେ ଅନ୍ୟ ମେଢ଼ଗୁଡ଼ିକ ଯାଇଥିଲେ। ଗଣ୍ଡଗୋଳ କରିଥିବା କିଛି ଯୁବକଙ୍କୁ ପୁଲିସ ଉଠାଇ ନେଇଥିବା ଜଣାପଡ଼ିଛି। ସେମାନଙ୍କୁ ପଚରାଉଚରା କରୁଛି। ଏନେଇ ଅନୁଗୁଳ ଏସ୍‌ପି ରାହୁଲ ଜୈନ କହଛନ୍ତି, ଅଧିକ ଜୋ ?ରେ ଗୀତ ବଜାଇ ନାଚିବାକୁ ନେଇ ମେଳଣରେ ଗଣ୍ଡଗୋଳ ହୋଇଛି। ପୁଲିସକୁ ଆକ୍ରମଣ କରିଥିବା ଯୁବକଙ୍କୁ ଅଟକ ରଖାଯାଇଛି। କିଛି ସାମଗ୍ରୀ ଜବତ କରାଯାଇଛି। ଏପଟେ ଗଣେଶ ଭସାଣିରେ ଏମିତି ଗଣ୍ଡଗୋଳକୁ ନେଇ ସହରରେ ଚିନ୍ତା ବଢ଼ିଛି। ଗତଥର ମେଳଣ ସମୟରେ ଥାନା ସମ୍ମୁଖରେ ଛୁରାମାଡ଼ ହୋଇଥିଲା। ଏଥର ପୁଲିସକୁ ଆକ୍ରମଣ ହୋଇଛି। ପୁଣି ପୂଜା ସମୟରେ ମେଲୋଡିକୁ କେନ୍ଦ୍ର କରି ହୁଲୁରିସିଂହାର ଏକ କ୍ଲବ୍ କର୍ମକର୍ତା ପୁଲିସକୁ ଗାଳିଗୁଲଜ କରିଥିଲେ। ପୁଲିସ ନିଜଆଡୁ ମାମଲା ରୁଜୁ କରିଥିଲା। ପୂଜା ସମୟରେ ଏମିତି ଗଣ୍ଡଗୋଳ ହେଉଥିବାରୁ ଆସନ୍ତା ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା ପୁଲିସ ପାଇଁ ଆହ୍ୱାନ ସୃଷ୍ଟି କରିବ।

# ଏକାଧିକ ବୃକ୍ଷ ଧରାଶାୟୀ :

## ରାସ୍ତା ଅବରୋଧ, ବିଦ୍ୟୁତ ସରବରାହ ବାଧାପ୍ରାପ୍ତ



ବୈଶିଙ୍ଗା,୫/୯(ନି/ପ୍ର):ଲଘୁଚାପ ପ୍ରଭାବରେ ଦୁଇଦିନ ଧରି ମୟୂରଭଂଜ ଜିଲ୍ଲା ବେତନଟୀ ଅଂଚଳରେ ଝିପିଝିପି ବର୍ଷା ଲାଗିରହିଛି। ମଝିରେ ମଝିରେ ପ୍ରବଳ ବର୍ଷା ମଧ୍ୟ ହେଉଛି। ଏହାର ପ୍ରଭାବରେ ଅର୍ଥନୈତିକ କାରବାର ହ୍ରାସ ପାଇବା ସହ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛିକ୍ଷ ସେହିଭଳି ଅନେକ ସ୍ଥାନରେ ବିରାଟ ବିରାଟ ଗଛ ଉପୁଡି ଯାଇ କୋଉଠି ଘର ଭାଙ୍ଗିଯାଇଛି ତ ଆଉ କୋଉଠି ଘଟାଂ ଘଟାଂ ଧରି ରାସ୍ତା ଅବରୋଧ ହୋଇଛିକ୍ଷ ସେହିଭଳି ବିଦ୍ୟୁତ ତାର ଉପରେ ପଡି ବିଦ୍ୟୁତ ସରବରାହ ମଧ୍ୟ ଠପ ହୋଇଯାଇଛି। ବେତନଟୀ ବ୍ଲକ ପୁରୁଣିଆ ପଚାଂୟତ ଅଧୀନ ବଇଁଚା ଉପକଣ୍ଠ ନୂଆସାହି ଗ୍ରାମରେ ଲଗାଣ ବର୍ଷାରେ ଏକ ବିଶାଳ ବରଗଛ ଓଲଟିପଡ଼ି ରାସ୍ତ ଅବରୋଧ କରିବା ସହିତ ଘର ଭାଙ୍ଗି ଦେଇଥିବା ବେଳେ ଖବରପାଇ ବେତନଟୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଚିଂ ବୁଧବାର ଅପରାହ୍ଣରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲାଓ ଲଘୁଚାପଜନିତ ଲଗାଣବର୍ଷା ସାଙ୍ଗକୁ ପବନର ବେଗ ଅଧିକ ରହୁଥିବାରୁ ବଇଁଚା ଉପକଣ୍ଠ ନୂଆସାହି ଗ୍ରାମରେ ଏକ ବିଶାଳ ବରଗଛ ପାଣ୍ଡୁ ସିଂଙ୍କ ଘର ଉପରକୁ ଓଲଟିପଡ଼ିଥିଲା। ଶହଶହ ବର୍ଷର ବରଗଛ ଓଲଟିପଡିବା ଦ୍ୱାରା ରାସ୍ତା ଅବରୋଧ ହେବା ସହିତ ପାଣ୍ଡୁ ସିଂଙ୍କ ମାଟିକାନ୍ଥ ବିଶିଷ୍ଟ ଆଜବେଷ୍ଟସ ଘରଟି ବିଶାଳ ବରଗଛ ତଳେ ଚାପିହୋଇ ରହିଥିଲା। ଶହଶହ ବର୍ଷର ବିଶାଳ ବରଗଛକୁ କାଟିବାରେ ଅକ୍ଷମ ଗ୍ରାମବାସୀ ଶେଷରେ ବେତନଟୀ ଅଗ୍ନିଶମବାହିନୀର ସହାୟତା ଲୋଡ଼ିଥିଲେ। ବେତନଟୀ ଦମକଳ କେନ୍ଦ୍ରର ଆଗ୍ନିକମାନେ ବୁଧବାର ଘଟଣାସ୍ଥଳରେ ପହଚିଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଦୀର୍ଘସମୟର ଉଦ୍ୟମ ପରେ ଶେଷରେ ଓଲଟି ପଡିଥିବ ଥିବା ବିଶାଳ ବରଗଛକୁ ଘର ଏବଂ ରାସ୍ତା ଉପରୁ ଅପସାରଣ କରାଇବାରେ ସକ୍ଷମ ହୋଇଥିଲେ।

# ଜାପାନ ସରକାରଙ୍କ ପ୍ରତିନିଧିମଣ୍ଡଳୀ ସହ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ମିଳିତ ବୈଠକ

ପୁରୀ,୫/୯(ନି/ପ୍ର):ଜାପାନର ପ୍ରଧାନମନ୍ତ୍ରୀ ସିଗେରୁ ଇ ସିବାଙ୍କ ନିର୍ବାଚନ ମଣ୍ଡଳୀ ତୋତରି (ରାଜ୍ୟ) ରୁ ଆସିଥିବା ଏକ ସରକାରୀ ପ୍ରତିନିଧିଦଳ ପୁରୀ ଗସ୍ତରେ ଆସିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ଓସୱିନ ହଲରେ ଅତିରିକ୍ତ ଜିଲ୍ଲାପାଳ ( ପ୍ରଶାସନ) ଶରତ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ପୁରୀରେ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଜିଲ୍ଲା ପଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଇଣ୍ଡିଆ - ଜାପାନ ଫ୍ରେଣ୍ଡ୍ ସିପ ସେଂଟର ସଭାପତି ଶ୍ରୀମନ୍ତ କୁମାର ଦାଶ , ପୁରୀକୁ ଆସିଥିବା ପ୍ରତିନିଧି ଦଳ ସିଞ୍ଜି ନାଗାତା, ରିୟୋସୁକି ୟମାଗୁଚି , କୋଇଚି ନାକାସିମା, ସେଇକୋ କାମ୍ବା, କେନିଚି ତାମୁରା, ଷ୍ଟଆଟ କୋନିରାଲି ଓ ଜପାନରୁ ଭିଡିଓ କନ୍ ଫରେନ୍ସ ଜରିଆରରେ ପୁରୀ ସିଟି ବ୍ରାଣ୍ଡ ଆମ୍ବାସେଡର ତଥା ଇଣ୍ଡିଆ ବିଜନେସ ଆଡଭାଇଜର ତୋତରି ଜପାନ ସରକାର କୁନା ଦାଶ ଓ ଅନ୍ୟ ଅଧିକାରୀମାନେ ସାମିଲ ହୋଇ ଥିଲେ।



କେନ୍ଦୁଝର ଜିଲ୍ଲା ମିଳନୀ ସାହିତ୍ୟ ସଂସଦର ୬୪ତମ ସ୍ୱନକ୍ଷତ୍ର ପାଳିତ

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୬ ସେପ୍ଟେମ୍ବର ୨୦୨୫**

# ବିଶ୍ୱାସର ଲମ୍ଫ

ଏହା ଏକ ଅବଧାରିତ ସତ୍ୟ ଯେ ପୃଥିବୀପୃଷ୍ଠରେ ମନୁଷ୍ୟ ଯେତେ କାଳ ଧରି ତିଷ୍ଠି ରହିଥିବ, ସେତେ କାଳ ଧରି ସେ ବିଭିନ୍ନ ରୂପରେ ଅସ୍ତିତ୍ୱ ସଂକଟ ସବୁର ସମ୍ମୁଖୀନ ହୋଇଚାଲିଥିବ ଓ ସେ ସଂକଟରୁ ଉଦ୍ଧାର ପାଇବା ଉଦ୍ଦେଶ୍ୟରେ ଏଇଭଳି ବିଶ୍ୱାସର ଲମ୍ଫ ଦେଇଚାଲିଥିବ । ଆଉ ଏହାର ଏକ ପାର୍ଶ୍ୱ ଫଳ ସ୍ୱରୂପ ଯେଉଁ ସମାଜରେ ଜାପାନୀସୁଲଭ ଶୃଙ୍ଖଳାବୋଧ ଅନୁପସ୍ଥିତ ଥିବ, ସେଠାରେ ସମୟ ସମୟରେ ଏହି ଲମ୍ଫ ଘାତକ ସାବ୍ୟସ୍ତ ହୋଇ ହାଥ୍ରସ୍ ଘଟଣା ପରି ଅଘଟଣମାନ ଘଟିଚାଲିଥିବ । ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଡା ଉତରପ୍ରଦେଶର ହାଥ୍ରସ୍ ଠାରେ ମନୁଷ୍ୟକୃତ ବିପର୍ଯ୍ୟୟରେ ଘଟିଥିବା ଶତାଧିକ ଲୋକଙ୍କର ପ୍ରାଣହାନି ପ୍ରତି ସମବେଦନା ପ୍ରକାଶ କରି ଭାରତ ଉଦ୍ଦେଶ୍ୟରେ ଏକ ଶୋକବାର୍ତା ପ୍ରେରଣ କରିଛନ୍ତି । ଏଭଳି ଆହୁରି ଅନେକ ଶୋକବାର୍ତାମାନଙ୍କ ମଧ୍ୟରୁ ବାଛି ଜାପାନ ପ୍ରଧାନମନ୍ତ୍ରୀଙ୍କର ବାର୍ତାଟିକୁ ଏଠାରେ ଉଲ୍ଲେଖ କରିବା ପଛରେ ଏକ ବିଶେଷ କାରଣ ନିହିତ ଅଛି । ୨୦୧୧ରେ ଜାପାନର ଫୁକୁସିମା ଠାରେ ଏକ ସୁନାମି ଯୋଗୁଁ ଘଟିଥିବା ଆଣବିକ ରିଆକ୍ଟର୍ ଦୁର୍ଘଟଣା ହେଉଛି ପୃଥିବୀର ଏ ପର୍ଯ୍ୟନ୍ତ ଘଟିଥିବା ବିଭିନ୍ନ ଶାନ୍ତିକାଳୀନ ଆଣବିକ ଦୁର୍ଘଟଣାମାନଙ୍କ ମଧ୍ୟରେ ଏକ ଅଗ୍ରଗଣ୍ୟ ଘଟଣା । ଦୁର୍ଘଟଣା ପରେ ତେଜସ୍କ୍ରିୟ ବିକିରଣ ଘଟିବା ସମ୍ଭାବନା ଦ୍ୱାରା ଆତଙ୍କିତ ହୋଇ ସେ ଅଂଚଳର ବାସିନ୍ଦାମାନେ ଜୀବନ ବିକଳରେ ଲକ୍ଷ ଲକ୍ଷ ସଂଖ୍ୟାରେ ଅନ୍ୟତ୍ର ପଳାୟନ କରିବାରେ ଲାଗିଲେ । ନିକଟସ୍ଥ ରେଳ ଷ୍ଟେସନରେ ସେତେବେଳେ ତେଣୁ ଅସମ୍ଭବ ଭିଡ଼ ସୃଷ୍ଟି ହୋଇଥାଏ । ଏହି ପଳାୟନକାରୀଙ୍କ ମଧ୍ୟରେ ଥିଲେ ଜଣେ ବ୍ରିଟିଶ୍ ସାମ୍ବାଦିକ । ସେ ପରବର୍ନ୍ତୀ ସମୟରେ ପ୍ରକାଶ କରିଥିବା ତାଙ୍କର ସେ ଦିନର ଅନୁଭୂତିର ବର୍ଣ୍ଣନା ଜାପାନ ବାହାରେ ଅଗଣିତ ପାଠକମାନଙ୍କୁ ସେତେବେଳେ ଚମକୃତ କରିଦେଇଥିଲା । ସାମ୍ବାଦିକ ଜଣକ ଲେଖିଥିଲେ ଯେ ରେଳ ଷ୍ଟେସନ୍ ବାହାରେ ଯାହା ତାଙ୍କୁ ହତବାକ୍ କରିଦେଇଥିଲା, ତାହା ହେଲା ହଜାର ହଜାର ଅପେକ୍ଷାରତ ଯାତ୍ରୀ ସେଠାରେ ଶୃଙ୍ଖଳିତ ଭାବରେ ଧାଡ଼ିବାନ୍ଧି ରେଳରେ ଚଢ଼ିବା ପାଇଁ ଅପେକ୍ଷା କରି ଛିଡ଼ା ହୋଇଥିବାର ଦୃଶ୍ୟ । ଉଲ୍ଲେଖ ଅନାବଶ୍ୟକ ଯେ ସେଠାରୁ ପଳାୟନ ଯେତେ ବିଳମ୍ବିତ ହେବ, ତେଜସ୍କ୍ରିୟ ବିକିରଣ ଦ୍ୱାରା ଆକ୍ରାନ୍ତ ହେବାର ସମ୍ଭାବନା ଓ ସେଥିଯୋଗୁଁ ଭୟଙ୍କର ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ସେତେ ଅଧିକ ହୋଇଥିଲେ ହେଁ ଜାପାନୀମାନେ ଧୀରସ୍ଥିର ଭାବରେ ଧାଡ଼ିରେ ଛିଡ଼ା ହୋଇ ରେଳ ଧରିବା ପାଇଁ ନିଜ ପାଳିକୁ ଅପେକ୍ଷା କରିବା ଦୃଶ୍ୟ ନିଜର ଶୃଙ୍ଖଳିତ ଜାତୀୟ ଚରିତ୍ର ପାଇଁ ସୁପରିଚିତ ସେଇ 'ବିବିସି' ସାମ୍ବାଦିକଙ୍କୁ ମଧ୍ୟ ହତଚକିତ କରିଦେଇଥିଲା । ହାଥ୍ ?ରସ୍ ? ଠାରେ ସଂପୃକ୍ତ ପ୍ରବଚକ ବାବାଙ୍କ ପଦଧୂଳି ନେବା ପାଇଁ ତାଙ୍କର ଭକ୍ତମାନେ ଯଦି ଜାପାନୀମାନଙ୍କ ଭଳି ଧାଡ଼ି ବାନ୍ଧି ଜଣକ ପରେ ଜଣେ ବାବାଙ୍କ ଚରଣ ସ୍ପର୍ଶ କରିଥାନ୍ତେ, ତେବେ ଫୁମିଓ କିସିଡାଙ୍କୁ ଆଜି ଆମ ପାଖକୁ ଶୋକ ବାର୍ତା ପଠାଇବାକୁ ପଡ଼ି ନଥାନ୍ତା । ପଦଧୂଳି ପ୍ରାପ୍ତି ନିଶ୍ଚିତ ରୂପେ ଉପରୋକ୍ତ ଫୁକୁସିମା ଘଟଣା ଭଳି ଏକ ଜୀବନ-ମରଣ ପ୍ରଶ୍ନ ନ ଥିଲା । ଯେଉଁମାନେ ଏକ ବ୍ୟକ୍ତିର ବିଚାର ଅପେକ୍ଷା ଏକ ଜନସମୂହର ବିଚାର ଅଧିକ ବିଜ୍ଞ ହୋଇଥାଏ ବୋଲି ବିଶ୍ୱାସ କରିଥାନ୍ତି, ହାଥ୍ରସ୍ ଭଳି ଘଟଣା ସେମାନଙ୍କର ସେଭଳି ବିଶ୍ୱାସ ପ୍ରତି ଏକ ଦାରୁଣ ଆଘାତ ପହଚାଂଇଥାଏ । ଗୋଷ୍ଠୀ-ବିଜ୍ଞତା ଉପରେ ଯେଉଁମାନେ ଆସ୍ଥା ସ୍ଥାପନ କରିଥାନ୍ତି, ସେମାନେ କହନ୍ତି ଯେ ଏକ ଜନସମୁଦାୟର ଜଣେ ସଦସ୍ୟ ଯେତେ ପ୍ରଖର ବୁଦ୍ଧିମାନ ହୋଇଥାଉ ନା କାହିଁକି, ସେଇ ଜନସମୁଦାୟର ମିଳିତ ବୁଦ୍ଧି ହେଉଛି ତା'ର ପ୍ରଖରତମ ବୁଦ୍ଧି-ବିଶିଷ୍ଟ ସଦସ୍ୟର ବୁଦ୍ଧି ଠାରୁ ମଧ୍ୟ ଆହୁରି ଅଧିକ ତୀକ୍ଷ୍ଣ । ଉନବିଂଶ ଶତାବ୍ଦୀର ବିଚକ୍ଷଣ ବ୍ରିଟିଶ୍ ବିଦ୍ୱାନ ଫ୍ରାନ୍ସିସ୍ ଗାଲ୍‌ଟନ୍‌ଙ୍କ ଠାରୁ ଆରମ୍ଭ କରି ସାଂପ୍ରତିକ ସମୟର ଆମେରିକୀୟ ସାମ୍ବାଦିକ ଜେମ୍ସ ସୁରୋୱିକିଙ୍କ ପର୍ଯ୍ୟନ୍ତ ଅତ୍ୟନ୍ତ ପ୍ରଭାବଶାଳୀ ଯୁକ୍ତି ମାଧ୍ୟମରେ ଏହି ଚିନ୍ତାଧାରାକୁ ପ୍ରମାଣିତ କରିବାକୁ ଚେଷ୍ଟା କରିଆସିଛନ୍ତି । ସୁରୋୱିକିଙ୍କର ୨୦୦୪ରେ ପ୍ରକାଶିତ ବହୁଳ ଆଦୃତ ପୁସ୍ତକ 'ଦି ୱିସ୍ ?ଡମ୍ ଅଫ୍ ଦି କ୍ରାଉଡ୍ ?ସ'କୁ ଏହି ମତବାଦର ଏକ ପ୍ରଧାନ ବାହକ ରୂପେ ବିଚାର କରାଯାଇଥାଏ । ଏହି ପୁସ୍ତକରେ ଯେଉଁ ସମସ୍ତ ବାସ୍ତବ ଜୀବନରୁ ସଂଗୃହୀତ ଉଦାହରଣମାନ ବ୍ୟବହାର କରି ସେ ନିଜର ମତବାଦକୁ ପ୍ରମାଣିତ କରିବାକୁ ଚେଷ୍ଟା କରିଛନ୍ତି, ସେଥିରେ ଅନ୍ତର୍ଭୁକ୍ତ ଥିବା ଗୋଟିଏ ହେଉଛି ଏକ ଗହଳି ରାସ୍ତାରେ ନିୟମିତ ଭାବରେ ପରିଦୃଷ୍ଟ ଟ୍ରାଫିକ୍ ?ର ସାବଲୀଳ ସ୍ରୋତ । ହୁଏତ ପ୍ରତ୍ୟେକ ଗାଡ଼ିଚାଳକର ପ୍ରବୃନ୍ତି ହୋଇପାରିଥାଏ ଅନ୍ୟମାନଙ୍କୁ ପଛରେ ପକାଇ ଆଗକୁ ମାଡ଼ିଯିବା । ଏପରି ହେଲେ ଗାଡ଼ିମାନଙ୍କ ମଧ୍ୟରେ ଧକ୍ ?କା ଘଟିବା ହୋଇଥାନ୍ତା ଏକ ସାଧାରଣ ଘଟଣା ଏବଂ ଧକ୍ ?କା ନ ଘଟିବା ହୋଇଥାନ୍ତା ବ୍ୟତିକ୍ରମ । କିନ୍ତୁ ବାସ୍ତବରେ ଯାହା ଦେଖାଯାଇଥାଏ, ତାହା ହେଉଛି ଏହାର ବିପରୀତ- ଧକ୍ ?କା ହେଉଛି ବିରଳ ଓ ଧକ୍ ?କା ନ ଘଟିବା ହେଉଛି ସାଧାରଣ । ସୁରୋୱିକି ସେହିପରି ଆଉ ଯେଉଁ ଏକ ଉଦାହରଣ ଉପସ୍ଥାପନ କରିଛନ୍ତି, ତାହା ହେଉଛି ଏକ ଲୋକପ୍ରିୟ ରେଷ୍ଟୁରା[ରେ ଘଟୁଥିବା ଭିଡ଼ର ଦୃଶ୍ୟ । ଏଠାରେ ଗ୍ରାହକମାନେ ପରସ୍ପର ସହିତ ଧକ୍ ?କା ନ ଖାଇ ଟେବୁଲଟିଏ ପାଇବାକୁ ଯେଉଁଭଳି ଚେଷ୍ଟା ଚଳାଇଥାନ୍ତି, ତାହା ହେଉଛି ସୁରୋୱିକିଙ୍କ ବିଚାରରେ ଭିଡ଼-ବିଜ୍ଞତାର ଆଉ ଏକ ନିଦର୍ଶନ । ତା'ହେଲେ ସ୍ୱାଭାବିକ ଭାବରେ ଏଭଳି ଚିନ୍ତାଧାରା ମନରେ ଯେଉଁ ପ୍ରଶ୍ନକୁ ଜନ୍ମ ଦେଇଥାଏ, ତାହା ହେଲା, ଯଦି 'ଜଣ' ଅପେକ୍ଷାର 'ଗଣ' ଏପରି ଅଧିକ ବୁଦ୍ଧିମାନ ହୋଇଥାନ୍ତି, ତେବେ ହାଥ୍ରସ୍ ଠାରେ ସେମାନେ ଏଭଳି ନିର୍ବୋଧସୁଲଭ ଅଯୌକ୍ତିକ ଆଚରଣ କାହିଁକି ପ୍ରଦର୍ଶନ କଲେ କେବଳ ହାଥ୍ରସ୍ ନୁହେଁ, ଏଇଭଳି ତଥାକଥିତ ଧର୍ମବିଶ୍ୱାସ ବା ଆଧ୍ୟାତ୍ମିକ ବିଶ୍ୱାସର ପ୍ରବଳ ଆକର୍ଷଣ ଦ୍ୱାରା ପରିଚାଳିତ ହୋଇ ପତଙ୍ଗମାନେ ଅନଳରେ ଝାସ ଦେବା ଭଳି ଶ୍ରଦ୍ଧାଳୁମାନେ ନିଜ ସୃଷ୍ଟ ଭିଡ଼ରେ ଦଳିମକଚି ହୋଇ ଏଭଳି ବହୁସଂଖ୍ୟାରେ ମୃତ୍ୟୁ ମୁଖରେ ପଡ଼ିବା ଘଟଣାମାନ ନିୟମିତ ଭାବରେ ଭାରତ ଭିତରେ ଓ ବାହାରେ ଦେଖିବାକୁ ମିଳିଥାଏ । ସେମାନଙ୍କର ଏଭଳି ବିଚାରହୀନ ଆତ୍ମଘାତୀ ଆଚରଣର ମୂଳ କାରଣ ଖୋଜି ବସିଲେ ଯେଉଁଠି ବୋଧହୁଏ ଏକ ସନ୍ତୋଷଜନକ ଉନ୍ନର ମିଳିଥାଏ ତାହା ହେଉଛି ଉନବିଂଶ ଶତାବ୍ଦୀର ଦୀନାମାର୍ ଦାର୍ଶନିକ ସୋରେନ୍ କିର୍କେଗାର୍ଡ ଏଭଳି ଧର୍ମବିଶ୍ୱାସ ସମ୍ବନ୍ଧରେ ପ୍ରଦାନ କରିଥିବା ମତାମତ । ସଂସାରରେ ପ୍ରତ୍ୟେକ ମନୁଷ୍ୟ ଯେଉଁସବୁ ସଂକଟମାନଙ୍କର ସମ୍ମୁଖୀନ ହୋଇଥାଏ, ତାହା ଅନିବାର୍ଯ୍ୟ ଭାବରେ ତା'ର ଅସ୍ତିତ୍ୱକୁ ସଂପୂର୍ଣ୍ଣ ନିରର୍ଥକ କରିଦେଇଥାଏ ।

# ଅଭୁଲା ଇତିହାସର ଗୋଟିଏ ଫର୍ଦ୍ଦ – 'ଗୋପାଲ୍ ପାଠା'



ଜନ୍ମ : ୦୭/୦୯/୧୯୧୩
ତିରୋଧାନ : ୧୦/୦୨/୨୦୦୫

"କ୍ଷମତା ଓ ଅର୍ଥ ବଳରେ ସତ୍ୟକୁ ସାମୟିକ ଭାବେ ଚାପି ଦିଆଯାଇପାରେ । ସତ୍ୟ କେବେ ହେଲେ ଲୁଚି ରହେ ନାହିଁ" । ଅନୁଧ୍ୟାନ କଲେ ଜଣାଯାଏ ଯେ, ଦେଶ ବିଭାଜନ ତଥା ସ୍ୱାଧୀନତା ଆନ୍ଦୋଳନ ସମୟର ଅନେକ କିଛି ଘଟଣା ବର୍ତମାନ ମଧ୍ୟ ଲୁଚି ରହିଛି କିମ୍ବା କେବଳ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ବ୍ୟକ୍ତିତ୍ୱଙ୍କର ସ୍ୱାର୍ଥ ପାଇଁ ଜାଣିଶୁଣି ଚାପି ଦିଆଯାଇଛି । ଦେଶ ବିଭାଜନ ସମୟରେ ଏଭଳି ଏକ ଘଟଣାର ଇତିହାସ ପୃଷ୍ଠାକୁ ଚିରି ଫୋପାଡି ଦିଆଯିବାର ପ୍ରୟାସ କରାଯାଇଥିଲା ଏବଂ ସେ ପୃଷ୍ଠାର ନାମ ହେଲା 'ଗୋପାଲ ଚନ୍ଦ୍ର ମୁଖାର୍ଜୀ', ବା 'ଗୋପାଲ ପାଠା', ବା 'ଗୋପାଲ୍ ଦା' । ବ୍ରିଟିଶମାନେ ଭାରତବର୍ଷରେ ପାଦ ଦେବା ପରେ ନିଜ ସ୍ୱାର୍ଥ ଓ ଆଧିପତ୍ୟ ହାସଲ ପାଇଁ ବଙ୍ଗଳା ରାଜ୍ୟକୁ ପ୍ରଥମେ ବ୍ୟବହାର କରିଥିଲେ । ତତ୍କାଳୀନ କଲିକାତା ଏବଂ ବର୍ତମାନର କୋଲକାତା ସହର ଥିଲା ସେମାନଙ୍କ ମୁଖ୍ୟ ବ୍ୟବସାୟସ୍ଥଳୀ । ଏହି ସ୍ଥାନରୁ ବ୍ରିଟିଶମାନେ ସମଗ୍ର ଦେଶରେ ତାଙ୍କ ସାମ୍ରାଜ୍ୟ ବିସ୍ତାର ଆରମ୍ଭ କରିଥିଲେ । ଦେଶ ବିଭାଜନ ସମୟରେ ଷଡଯନ୍ତ୍ର କରାଯାଇ ସଂପୂର୍ଣ୍ଣ ବଙ୍ଗଳାକୁ ଭାରତବର୍ଷରୁ ଅଲଗା କରିବାର ଚକ୍ରାନ୍ତ ହୋଇଥିଲା । ୧୯୪୬ ମସିହା ଅଗଷ୍ଟ ୧୬ତାରିଖ ଦିନ ଅଲ୍ ଇଣ୍ଡିଆ ମୁସଲିମ ଲିଗ "ଡାଇରେକ୍ଟ ଆକ୍ସନ"ର ଆହ୍ୱାନ ଦେଇ ନୂତନ ପାକିସ୍ଥାନ ଗଠନ ପାଇଁ କଲିକାତାଠାରେ ମୁସଲିମ ରାଲିର ଡାକରା ଦେଇଥିଲା । ସେତେବେଳେ ବଙ୍ଗଳା ରାଜ୍ୟର ରାଜଧାନୀ କଲିକାତା ଥିଲା ଏବଂ ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ ରାଜ୍ୟ ସରକାର ଅଗଷ୍ଟ ୧୬ ତାରିଖକୁ ଛୁଟି ଘୋଷଣା କରିଥିଲେ । ଏହି ରାଲି ପାଇଁ ଏକ ପୂର୍ବ ନିର୍ଦ୍ଧାରିତ ଖସଡା ପ୍ରସ୍ତୁତ କରାଯାଇଥିଲା । ସେହି ଦିନ କଲିକାତାର ବିଭିନ୍ନ ସ୍ଥାନରେ ହାତରେ ଖଣ୍ଡା ଧରିଥିବା ମହମ୍ମଦ ଅଲ୍ଲୀ ଜିନ୍ନାଙ୍କ ଫଟୋଥିବା ହୋର୍ଡିଂମାନ ପ୍ରଦର୍ଶିତ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ତତ୍କାଳୀନ ବଙ୍ଗଳା ରାଜ୍ୟ ମୁଖ୍ୟମନ୍ତ୍ରୀ ହୁସେନ ଶାହିଦ ସୁହରାବର୍ଦ୍ଦୀ (ପରବର୍ତୀ ସମୟରେ ପାକିସ୍ଥାନର ୫ମ ପ୍ରଧାନମନ୍ତ୍ରୀ) । ସେ ନିଜ କ୍ଷମତା ଓ ପ୍ରଶାସନକୁ ଅପବ୍ୟବହାର କରି ତଥା ଚକ୍ରାନ୍ତ କରି ଉଦ୍ଦେଶ୍ୟମୁଳକ ଭାବେ କୋଲକାତା ସହରରେ ଥିବା ସମସ୍ତ ଥାନାରେ କାର୍ଯ୍ୟାରତ ହିନ୍ଦୁ ପୋଲିସ କର୍ମଚାରୀଙ୍କୁ ବାଧ୍ୟତାମୁଳକ ଭାବେ ଛୁଟି ପ୍ରଦାନ କରିଥିଲେ । ବର୍ତମାନର ହାଓଡା ପୋଲର ସେପାଖକୁ ପାକିସ୍ଥାନରେ ସାମିଲ କରାଯିବାର ଚକ୍ରାନ୍ତ ହୋଇଥିଲା । ଅର୍ଥାତ କଲିକାତା ସହର ବିଭାଜନ ପରେ ପାକିସ୍ଥାନ (ପୂର୍ବ ପାକିସ୍ଥାନ ଏବଂ ବର୍ତମାନର ବଂଲାଦେଶ)ରେ ରହିବ । ଅଗଷ୍ଟ ୧୬ ତାରିଖ ସକାଳ ସମୟରୁ ମୁସଲିମମାନେ ସଂଗଠିତ ହୋଇ କଲିକାତା ସହରର ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କୁ ଆକ୍ରମଣ କରିବା ଆରମ୍ଭ କରିଦେଇଥିଲେ । ଏହି ହିଂସକାଣ୍ଡରେ କମ୍ୟୁନିଷ୍ଟ ଦଳ ମଧ୍ୟ ଭାଗିଧାର ଥିଲା । ରାଲି ଏବଂ ହିଂସାକାଂଡ ସଂପର୍କରେ ଅବଗତ ହେବା ପାଇଁ ସହରର ପ୍ରଗତିଶୀଳ ଓ ଧର୍ମନିରପେକ୍ଷ ବୁଦ୍ଧିଜୀବିମାନେ ସଭାସ୍ଥାନ ମନୁମେଂଟ ପଡିଆଠାରେ ପହଂଚିଥିଲେ । ସେମାନେ ଦେଖିଲେ ଯେ, ଏହି ସଭାସ୍ଥଳରେ ଅର୍ଦ୍ଧଚନ୍ଦ୍ର ତାରକା ବିଶିଷ୍ଟ ସବୁଜ ପତକା ଏବଂ କମ୍ୟୁନିଷ୍ଟମାନଙ୍କ ଲାଲି ପତାକା ଶୋଭା ପାଉଥିଲା । ଉପସ୍ଥିତ ଥିଲେ କମ୍ରେଡ ଜ୍ୟୋତି ବସୁ, ଯୋଗେନ ମଣ୍ଡଳ, ହୁସେନ ଶାହିଦ ସୁହରାବର୍ଦ୍ଦୀ, ଖ୍ୱାଜା ନଜିମୁଦ୍ଦିନ ପ୍ରମୁଖ ନେତୃବୃନ୍ଦ । ସଭାସ୍ଥଳରେ ସ୍ଲୋଗାନ ଥିଲା 'ପ୍ରଥମେ ପାକିସ୍ଥାନ ଗଠନ, ତାପରେ ଭାରତ ସ୍ୱାଧୀନତା', 'ଲଡ୍‌କେ ଲେଙ୍ଗେ ପାକିସ୍ଥାନ' । ଏ ସମସ୍ତ ଦୃଶ୍ୟ ଦେଖି ଉପସ୍ଥିତ ବୁଦ୍ଧିଜୀବିବୃନ୍ଦ ଭାଙ୍ଗି ପଡିଥିଲେ ଏବଂ ନିଜକୁ ଅସହାୟ ମନେ କରିଥିଲେ । ସଭା ସମାପ୍ତ ହେବା ପରେ ଉତେଜିତ ମୁସଲମାନମାନେ ସହରର ବିଭିନ୍ନ ସ୍ଥାନରେ ହିନ୍ଦୁମାନଙ୍କୁ ପୁଣି ଆକ୍ରମଣ ଆରମ୍ଭ କରିବା ସହ ହିନ୍ଦୁମାନଙ୍କ ଦୋକାନ ଓ ଘର ଭାଙ୍ଗିବା ଆରମ୍ଭ କରିଦେଇଥିଲେ । କେବଳ ମାରପିଟ ନୁହେଁ, ବରଂ ଘରେ ପଶି ଆକ୍ରମଣ କରିବା ସହ ହତ୍ୟା ମଧ୍ୟ ଆରମ୍ଭ କରି ଦେଇଥିଲେ । ହିନ୍ଦୁମାନଙ୍କ ଘରେ ପଶି ମହିଳାମାନଙ୍କୁ ଆକ୍ରମଣ କରିବା ସହ ଦୁର୍ବବ୍ୟହାର ଓ ଦୁଷ୍କର୍ମ କରିଥିଲେ । ହଜାର ହଜାର ହିନ୍ଦୁମାନଙ୍କୁ ହତ୍ୟା କରାଯାଇ ରକ୍ତରେ ହୋଲି ଖେଳ ହୋଇଥିଲା । ସମଗ୍ର ସହରରେ ଆତଙ୍କ ଏବଂ ଭୟର ବାତାବରଣ ସୃଷ୍ଟି କରାଯାଇଥିଲା । କ୍ରମଶଃ ଏହି ଆତଙ୍କ ଭୟଙ୍କର ରୂପ ଧାରଣ କରିସାରିଥାଏ । ଏଭଳି ହିଂସାକାଣ୍ଡକୁ ରୋକିବା ପାଇଁ କେହି ହେଲେ ଜଣେ ନେତୃସ୍ଥାନୀୟ ବ୍ୟକ୍ତି ସାମ୍ନାକୁ ଆସିନଥିଲେ । ଦିଲ୍ଲୀରେ ଥିବା କଂଗ୍ରେସ ଦଳର କେନ୍ଦ୍ରୀୟ ନେତୃବୃନ୍ଦଙ୍କଠୁ ଆରମ୍ଭ କରି ରାଜ୍ୟ ନେତୃବୃନ୍ଦ ଏ ଘଟଣା ବିଷୟରେ ଜାଣିବା ପରେ ସୁଦ୍ଧା ନୀରବଦ୍ରଷ୍ଟା ସାଜିଥିଲେ । ମୁସଲିମ ଲିଗ କାର୍ଯ୍ୟକର୍ତାଙ୍କ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଆଧୁନିକ ଇତିହାସର ଏହି ନାରକୀୟ ଓ ଆମାନବୀୟ ହିଂସାକାଣ୍ଡ ଅଗଷ୍ଟ ୧୬, ୧୭ ଓ ୧୮ ତିନି ଦିନ ଧରି ଲାଗି ରହିଥିଲା । ଏଭଳି ଅମାନବୀୟ ହିଂସାକାଣ୍ଡ, ମହିଳାମାନଙ୍କୁ ଆକ୍ରମଣକୁ ସହ୍ୟ କରିନପାରି ସେ ସମୟରେ ସହରର ବୋଉବାଜାର ଅଂଚଳର ଜଣେ ହିନ୍ଦୁ ଯୁବକ ସାହସର ସହିତ ବାହାରି ଆସିଥିଲେ ହିନ୍ଦୁମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ । ସେ ହେଲେ ଆମ ଦେଶର ଇତିହାସ ବହିରୁ ଚିରି ଦିଆଯାଇଥିବା ପୃଷ୍ଠା 'ଶ୍ରୀ ଗୋପାଲ ଚନ୍ଦ୍ର ମୁଖାର୍ଜୀ' ବା 'ଗୋପାଲ୍ ଦା' । ୧୮୯୦ ମସିହାରେ 'ଗୋପାଲ୍ ଦା'ଙ୍କ ପୂର୍ବଜ ପୂର୍ବ ବଙ୍ଗଳାରୁ (ବର୍ତମାନ ବାଂଲାଦେଶ) କଲିକାତା ସହରକୁ ଆସି କୌଳିକ ଛେଳି ବ୍ୟବସାୟ କରୁଥିବାରୁ ଗୋପାଲ୍ ଚନ୍ଦ୍ର ମୁଖାର୍ଜୀ ସେ ଅଂଚଳରେ 'ଗୋପାଲ୍ ପାଠା' ନାମରେ ପରିଚିତ ଥିଲେ । ବ୍ୟବସାୟ କାରଣରୁ ତାଙ୍କର ମୁସଲମାନମାନଙ୍କ ସହ ଭଲ ସଂପର୍କ ଥିଲା । ମାତ୍ର ଅଗଷ୍ଟ ୧୬ର ଏହି ଅମାନବୀୟ ଘଟଣା 'ଗୋପାଲ୍ ଦା'ଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲା । ସେଦିନ ସକାଳେ 'ଗୋପାଲ୍ ଦା' ନିଜ ଦୋକାନକୁ ଯାଉଥିବାବେଳେ ସହରରେ ହିଂସା ହେଉଥିବାର ସୁଚନା ପାଇ ନିଜ ଘରକୁ ଫେରି ଆସିଥିଲେ । ନିଜ ଅଂଚଳରେ 'ଲଡ୍ ?କେ ଲେଙ୍ଗେ ପାକିସ୍ଥାନ'ର ନାରା ଦେଇ ମୁସଲିମ ଲିଗ କାର୍ଯ୍ୟକର୍ତାଙ୍କ ହିଂସାକାଣ୍ଡ ଭିଆଉଥିବାର ଦେଖି ସେ ଅତ୍ୟନ୍ତ କ୍ଷୁବ୍ଧ ହୋଇପଡିଥିଲେ ଏବଂ ଆତଙ୍କକୁ ପ୍ରତିରୋଧ କରିବାର ନିଷ୍ପତି ନେଇଥିଲେ । ଗୋପାଲ ଦା ଜାଣିସାରିଥିଲେ ଯେ, କଂଟାକୁ ବାହାର କରିବା ପାଇଁ କଂଟା ଆବଶ୍ୟକ । ଏଭଳି ଅମାନବୀୟ ହିଂସାକାଣ୍ଡର ପ୍ରତିରୋଧ ପାଇଁ ସେ ପ୍ରଥମେ ସ୍ଥାନୀୟ ଯୁବକଙ୍କୁ ଏକାଠି କରିଥିଲେ । ପ୍ରତିଶୋଧ ନେବା ପାଇଁ ନିଜ ଦ୍ୱାରା ଗଠିତ 'ଭାରତ ଜାତୀୟ ବାହିନୀ'ର ସଦସ୍ୟମାନଙ୍କୁ 'ୱାନ ଇଜ୍ ଟୁ ଟେନ୍ ?'ର ନିର୍ଦ୍ଦେଶ ଦେଇଥିଲେ । ଗୋଟିଏ ହିନ୍ଦୁ ହତ୍ୟାର ପ୍ରତିଶୋଧ ସ୍ୱରୁପ ଦଶ ଜଣ ମୁସଲମାନମାନଙ୍କୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗୋଟିଏ ମୁସଲମାନ ମୁଣ୍ଡ ପାଇଁ ୧୦ଟଙ୍କାର ପୁରସ୍କାର ମଧ୍ୟ ଘୋଷଣା କରିଥିଲେ । ଏଥିରେ ସହାୟତା କରିଥିଲେ ଶ୍ରୀ ଯୁଗଳ କିଶୋର ଘୋଷ ଏବଂ ସାମୁହିକ ନେତୃତ୍ୱ ନେଇଥିଲେ ଡ.ଶ୍ୟାମା ପ୍ରସାଦ ମୁଖାର୍ଜୀ । (ଡ.ମୁଖର୍ଜୀ ସ୍ୱାଧୀନ ଭାରତବର୍ଷର ଜବାହାରଲାଲ୍ ନେହେରୁଙ୍କ ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ପ୍ରଦାନ କରି ୧୯୫୧ ମସିହାରେ ଜନସଂଘ ପ୍ରତିଷ୍ଠା କରିଥିଲେ ।) 'ଗୋପାଲ୍ ଦା'ଙ୍କ ନିର୍ଦ୍ଦେଶରେ ହିନ୍ଦୁମାନଙ୍କ ପ୍ରତିଆକ୍ରମଣ କାରଣରୁ ହିଂସାକୁ ଭିଆଉଥିବା ମୁସଲିମ୍ ଲିଗ ସଂପୂର୍ଣ୍ଣ ଭୟଭୀତ ହୋଇପଡିଥିଲା । ସମୟକ୍ରମେ ମୁସଲିମ ଲିଗ ଅନୁଭବ କରିସାରିଥିଲା ଯେ, ଏହି ଅମାନବୀୟ ଘଟଣାରେ ହିନ୍ଦୁମାନଙ୍କ ଅପେକ୍ଷା ମୁସଲମାନଙ୍କର ଅଧିକ କ୍ଷତି ହୋଇସାରିଛି । ବାଧ୍ୟ ହୋଇ ମୁସଲିମ ଲିଗ ଏବଂ କମ୍ୟୁନିଷ୍ଟ ନେତୃବୃନ୍ଦ ଗୋପାଲ ଦାଙ୍କ ସହ ବୁଝାମଣା ପାଇଁ ପ୍ରସ୍ତାବ ଦେଲେ । ମୁସଲିମ ନ୍ୟାସନାଲ ଗାର୍ଡର ସଦସ୍ୟ ତଥା ପରବର୍ତୀ ସମୟରେ ବାଂଲାଦେଶ ରାଷ୍ଟ୍ରପତି ଶେଖ୍ ମୁଜିବର ରହେମନ ଏବଂ ଅଲ୍ ଇଣ୍ଡିଆ ମୁସଲିମ ଲିଗ ଛାତ୍ର ସଂଗଠନ ତତ୍କାଳୀନ ମୁଖ୍ୟ ଜିଜି ଆଜମେରୀ ପ୍ରତିନିଧି ହୋଇ ଗୋପାଲ ଦାଙ୍କୁ ରକ୍ତପାତ ବନ୍ଦ କରିବାକୁ କରହସ୍ତ ନିବେଦନ କରିଥିଲେ । ଶେଷରେ ବନ୍ଦ ହୋଇଥିଲା ନୃଶଂସ ହତ୍ୟାକାଣ୍ଡ ଓ ରକ୍ତପାତ । ମୁସଲିମ ଲିଗ ଓ କମ୍ୟୁନିଷ୍ଟ ମାନଙ୍କର ଚକ୍ରାନ୍ତ ସଫଳ ନାହିଁ । ପରିଶେଷରେ କଲିକାତା ଭାରତବର୍ଷର ଅଂଗ ହୋଇ ରହିଲା । ଆଜି ସେହି କଲିକାତା (ବର୍ତମାନର କୋଲକାତା) ସହର ପୂର୍ବ ଭାରତର ମୁଖ୍ୟ ସହର ଏବଂ ଆମ ରାଜ୍ୟ ଓଡିଶା ପାଇଁ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ସାଜିଛି । ଧନ୍ୟ ଗୋପାଲ୍ ଦା । ଆପଣଙ୍କୁ ଶତ ଶତ ପ୍ରଣାମ । ଆପଣଙ୍କ ସେଦିନର ଧୈର୍ଯ୍ୟ, ଅସୀମ ସାହସ ଏବଂ ସଠିକ୍ ନିଷ୍ପତି କାରଣରୁ ଆଜି ଆମେ କଲିକାତା (କୋଲକାତା)କୁ ଭାରତବର୍ଷର ପ୍ରମୁଖ ଅଙ୍ଗ ଭାବେ ଦେଖିବାକୁ ପାଉଛୁ । ମାତ୍ର କିଛି ଚକ୍ରାନ୍ତକାରୀଙ୍କ ପାଇଁ ଆଜି ଆପଣ ଆମ ଦେଶର ଇତିହାସରେ ସ୍ଥାନ ପାଇବାରୁ ବଂଚିତ ହୋଇଛନ୍ତି । ୨୦୦୫ ମସିହା ଫେବୃଆରୀ ୧୦ ତାରିଖ ଦିନ ନିଜ କୋଲକାତାସ୍ଥିତ ବାସଭବନରେ ୯୨ ବର୍ଷରେ ମୃତ୍ୟୁବରଣ କରିଥିବା 'ଗୋପାଲ୍ ଦା' ବର୍ତମାନର ଯୁବସମାଜ ପାଇଁ ଇତିହାସ ହୋଇ ଯାଇଛନ୍ତି । ଦୁଃଖର ବିଷୟ, ବର୍ତମାନ ସୁଦ୍ଧା ଏଭଳି ଜଣେ ଦେଶଭକ୍ତଙ୍କୁ କୌଣସି ମାନ୍ୟତା ବା ସମ୍ମାନ ପ୍ରଦାନ କରାଯାଇନାହିଁ । ଅନ୍ୟ ପଟେ ଦେଶ ବିଭାଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ତତ୍କାଳୀନ ବଙ୍ଗଳା ରାଜ୍ୟ ମୁଖ୍ୟମନ୍ତ୍ରୀ ହୁସେନ ଶାହିଦ ସୁହରାବର୍ଦ୍ଦୀଙ୍କ ପଶ୍ଚିମବଙ୍ଗ ରାଜ୍ୟର ମେଦିନୀପୁର ଜିଲ୍ଲାରେ ଥିବା ପୈତୃକ ଗୃହକୁ ସ୍ମାରକୀର ଆଖ୍ୟା ଦିଆଯିବା ପ୍ରସଙ୍ଗଟି ସାଧାରଣରେ ବହୁ ପ୍ରଶ୍ନବାଚୀ ସୃଷ୍ଟି କରିଛି ! ମନେ ପଡେ ସେହି ପ୍ରଶ୍ନ, "ଗୋଟିଏ ଜାତି ତାର ରକ୍ଷକକୁ ଭୁଲି ଯାଇ ଭକ୍ଷକକୁ ପୂଜା କରିଲେ, ସେ ଜାତିର କିଏ ହେବ ସାହା ?"

ସୁଜିତ୍ କୁମାର ଦାସ୍
୯୪୩୯୭୦୬୧୫୧
ଜିକେଭି-୯୭, ଗତିକୃଷ୍ଣ ଭିଲ୍ଲା, ବ୍ରମେଶ୍ୱରପାଟଣା
ଭୁବନେଶ୍ୱର, ଓଡିଶା, ୭୫୧୦୧୮

# ଆଦର୍ଶ ଶିକ୍ଷାର ଦଶଟି ସୂତ୍ର



ଛାତ୍ରଛାତ୍ରୀମାନେ ସ୍କୁଲ, କଲେଜ ଛାଡୁଥିବା ବିଷୟଟି ଅତ୍ୟନ୍ତ ଚିନ୍ତାର କାରଣ । ଏହାକୁ ରୋକିବା ପାଇଁ ଆମ ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ହୋଇଥିବା ପ୍ରୟାସ ସୁଚିନ୍ତିତ ଓ ଅଭିନବ, ତେଣୁ ସ୍ୱାଗତଯୋଗ୍ୟ । ନିଃଶୁଳ୍କ ଓ ବାଧ୍ୟତାମୂଳକ ଶିକ୍ଷା ଲାଭ କରିବାର ଅଧିକାର ଆଇନରେ ଉଲ୍ଲିଖିତ ଧାରା ୪ ଓ ଉପଧାରା ୫(୨)ର କାର୍ଯ୍ୟାନ୍ୱୟନ ଏହି ପ୍ରୟାସ ଦ୍ୱାରା ଦୃଢ଼ୀଭୂତ ହେବ । ମନେ ରଖିବା ଉଚିତ ଯେ ଶ୍ରେଣୀରେ ନାମ ଲେଖାଇଥିବା ଶିକ୍ଷାର୍ଥୀମାନଙ୍କ ନିୟମିତ ଉପସ୍ଥାନ ହେଉଛି ଶିକ୍ଷଣ ପ୍ରକ୍ରିୟାର ଏକ ଅଂଶ, ଯାହା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାରୁ ପ୍ରାରମ୍ଭ ହୋଇଥାଏ । ଏହି ପ୍ରକ୍ରିୟାକୁ ସଂଯତ, ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ କେତେଗୁଡ଼ିଏ ସୋପାନ ରହିଛି, ଯାହା ଉପରେ ଆଲୋକପାତ କରିବା ସମୀଚୀନ ହେବ । ଶୈଶବ ଅବସ୍ଥା ହେଉଛି ମୂଳଦୁଆ ପକାଇବାର ସମୟ । ତେଣୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶ୍ରଦ୍ଧାର ସହ ଶିଶୁକୁ ଗ୍ରହଣ କରିବା ଓ ପାଠ୍ୟକ୍ରମ ପ୍ରସ୍ତୁତି ବା ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିଶୁକୁ ଉପଯୁକ୍ତ ମହନ୍ୱ ଦେବା ହେଉଛି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଏହି ପୃଷ୍ଠଭୂମିରେ ସ୍ୱନାମଧନ୍ୟ ଶିକ୍ଷାବିତ୍ ଜୟନ୍ତ ପାଣ୍ଡୁରଙ୍ଗ ନାୟକ (୧୯୦୭-୧୯୮୧) ସମାନତା, ଗୁଣବନ୍ତା ଓ ସାଂଖ୍ୟିକ ସଠିକତାକୁ ଭାରତୀୟ ଶିକ୍ଷାର ଏକ ତ୍ରିଭୁଜ ଭାବରେ ବର୍ଣ୍ଣନା କରିଥିଲେ । ଏହି ତିନିଟି ବାହୁ ପରସ୍ପର ସହ ସଂଲଗ୍ନ ଏବଂ ଗୋଟିକ ବିନା ଅନ୍ୟଗୁଡ଼ିକ ଅସଂପୂର୍ଣ୍ଣ । ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶିକ୍ଷାର ପରିକଳ୍ପନା, ସଂଯୋଜନା ଓ ପରିଚାଳନା ଦାୟିତ୍ୱରେ ଥିବା ସମସ୍ତ ବ୍ୟକ୍ତି ଏ ବିଷୟରେ ସଚେତନ ଓ ସମ୍ବେଦନଶୀଳ ହେବା ଜରୁରି । ଦ୍ୱିତୀୟରେ ନିଜ ତଥା ବୃହତର ସାମାଜିକ ପରିବେଶ ସହ ସଂଯୁକ୍ତ ହୋଇ ଏକ ସୁସଂହତ ଓ ସମନ୍ୱିତ ଜୀବନଯାପନ କରିବା ଲାଗି ପ୍ରେରଣା ଦେବା ଓ ପ୍ରସ୍ତୁତ କରିବାରେ ଶିକ୍ଷା ହେଉଛି ଏକ ସଶକ୍ତ ଆୟୁଧ । ଏହା ଉଦାରତା, ହୃଦୟବନ୍ତା, ସହନଶୀଳତା, ଅହିଂସା ଓ ଶାନ୍ତି ଆଧାରରେ ବାତାବରଣ ତିଆରି କରିବ । ଯୁଦ୍ଧ ଓ ଆତଙ୍କବାଦ ଭଳି ହୃଦୟହୀନ କାର୍ଯ୍ୟକଳାପ ପୃଷ୍ଠଭୂମିରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ ଲାଗି ଉପରୋକ୍ତ ମାନବୀୟ ଭାବାବେଗ ଭିନ୍ନିଭୂମି ପ୍ରସ୍ତୁତ କରିବ । ତୃତୀୟରେ ଶିକ୍ଷାର୍ଥୀମାନଙ୍କର ସକାରାତ୍ମକ ବିଚାରଧାରା, ଅନୁଭବ, ସୃଜନଶୀଳତା, ଦକ୍ଷତା ଓ ସାମର୍ଥ୍ୟ ମଧ୍ୟରେ ଏକ ମଧୁର ସମନ୍ୱୟକୁ କେବଳ ଏକ ମାନବଧର୍ମୀ ଶୈକ୍ଷିକ କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ କରାଯାଇପାରିବ । ଏଥିପାଇଁ ଆବଶ୍ୟକ ଉପଯୁକ୍ତ ଶିକ୍ଷକ ପ୍ରଶିକ୍ଷଣ ବିଷୟରେ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକୁ ଦେଖିବାକୁ ହେବ । କେବଳ ପାଠ୍ୟପୁସ୍ତକ କୈନ୍ଦ୍ରିକ ଶିକ୍ଷା ଯେ ଧ୍ୟେୟ ନୁହେଁ, ତାହା ହୃଦୟଙ୍ଗମ କରିବାକୁ ହେବ । ମନେ ରଖାଯିବା ଉଚିତ ଯେ ଶିକ୍ଷାର୍ଥୀମାନଙ୍କ ପ୍ରଦର୍ଶନ ହେଉଛି ଶେ ?କ୍ଷିକ ଗୁଣବନ୍ତାର ଏକ ଅଂଶ ମାତ୍ର । ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାର୍ଥୀମାନଙ୍କର ଉନ୍ନମ ପ୍ରଦର୍ଶନକୁ ଗୁଣବନ୍ତାର ସଂପୂର୍ଣ୍ଣ ମାନଦଣ୍ଡ ଭାବେ ବିଚାର କରାଯାଏ, କିନ୍ତୁ ତାହା ଯଥାର୍ଥ ନୁହେଁ । କାରଣ ଏଭଳି ଶିକ୍ଷା ବ୍ୟବସ୍ଥାରେ ଶିକ୍ଷାର୍ଥୀମାନଙ୍କର ଚରିତ୍ର, ଆଚାର ବ୍ୟବହାର, ମୂଲ୍ୟବୋଧ ଓ ମାତୃଭାଷା ପ୍ରତି ଶ୍ରଦ୍ଧା ଭଳି ବିଷୟ ଗୁରୁତ୍ୱ ପାଏନାହିଁ । ଚତୁର୍ଥରେ ଶିକ୍ଷାର୍ଥୀମାନେ ଏକ ସୁସ୍ଥ, ନିରାମୟ ଓ ସନ୍ତୁଳିତ ଜୀବନଯାପନ କରିବା ହେଉଛି ସମ୍ୟକ୍ ବିକାଶ ପ୍ରକ୍ରିୟାର କେନ୍ଦ୍ରବିନ୍ଦୁ । ଏଥିଲାଗି ଅତ୍ୟାବଶ୍ୟକ ବ୍ୟାୟାମ, ଯୋଗ ଓ ପ୍ରାଣାୟମ, ଖେଳକସରତ ଓ ମନୋରଞ୍ଜନ, ସୁପୋଷଣ ସୁସ୍ୱାସ୍ଥ୍ୟ ଓ ସବୁଜ ପରିବେଶ । ସରକାରୀ ଓ ଘରୋଇ ନିର୍ବିଶେଷରେ ସମସ୍ତ ଶିକ୍ଷାନୁଷ୍ଠାନରେ ଏହା ଉପଲବ୍ ?ଧ ହେବା ଜରୁରି । ପଂ ମରେ ଛାତ୍ରଛାତ୍ରୀମାନଙ୍କ ଅନୁସନ୍ଧିତ୍ସାକୁ ସମ୍ମାନ ଜଣାଇ ପିତାମାତା ଓ ଶିକ୍ଷକମାନେ ତତ୍ପର ହେବା ଉଚିତ । ଶିକ୍ଷାର୍ଥୀମାନଙ୍କ ଜିଜ୍ଞାସୁ ମନର କେ ?ତୂହଳ ଓ ମନରେ ଉଠିଥିବା ପ୍ରଶ୍ନଗୁଡ଼ିକୁ ଯଦି ପିତାମାତା ଓ ଶିକ୍ଷକମାନେ ଧେ ?ର୍ଯ୍ୟର ସହ ଶୁଣି ଓ ଆଦରର ସହ ଉନ୍ନର ଦିଅନ୍ତି, ସେମାନେ ଜ୍ଞାନ ଅର୍ଜନ ଲାଗି ଅଧିକ ଆଗ୍ରହୀ ହେବେ । କିନ୍ତୁ ଦୁଃଖର କଥା, ଅଧିକାଂଶ କ୍ଷେତ୍ରରେ ଏହାର ବିପରୀତ ଦେଖିବାକୁ ମିଳୁଛି । ଷଷ୍ଠ ବିନ୍ଦୁଟି ହେଲା ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ, ଭିନ୍ନକ୍ଷମ ପିଲାମାନଙ୍କ ପ୍ରତି ଶିକ୍ଷକମାନଙ୍କର ମନୋଭାବ କୋମଳ ଓ ସମ୍ବେଦନଶୀଳ ହେବା ଦରକାର । ଉଦାର ହୃଦୟ, ସହନଶୀଳ, କାରୁଣିକ ଶିକ୍ଷକ ସୃଷ୍ଟି କରିବା ପାଇଁ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକ ଏ ଯାବତ୍ ? ସମର୍ଥ ହୋଇନାହାନ୍ତି । ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ବେ ?ଷମ୍ୟରହିତ ସ୍ନେହଶୀଳ ବାତାବରଣ ତିଆରି କରିବାକୁ ପଡ଼ିବ । ସପ୍ତମ କଥା ହେଲା ମେଧା, ବୁଦ୍ଧି, ବିଦ୍ୟା ଗ୍ରହଣ କରିବାର କ୍ଷମତା, ବିଦ୍ୟା ଧାରଣ କରିବାର କ୍ଷମତା ଇତ୍ୟାଦି ଆଧାରରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ପାତରଅନ୍ତର ମନୋଭାବ ପୋଷଣ ବା ବିଭାଜନକାରୀ ମନ୍ତବ୍ୟ ପ୍ରଦାନ ଅତି ଗର୍ହିତ । 'ତାରେ ଜମିଁ ପର୍' ନାମକ ହିନ୍ଦୀ ଚଳଚ୍ଚିତ୍ରରେ ପିତାମାତାଙ୍କର ଏ ପ୍ରକାର ନିନ୍ଦନୀୟ ମନୋବୃନ୍ନିକୁ ଦର୍ଶାଯାଇଛି, ଯେଉଁଠି ବିଦ୍ୟାଳୟର ଜଣେ ମାତ୍ର ଶିକ୍ଷକ ନିଜ ସ୍ନେହ, ଶ୍ରଦ୍ଧା, ଉଦାରତା ଓ ସହନଶୀଳତା ହେତୁ ଜଣେ ହେୟମନ୍ୟ ଓ ହତାଦୃତ ଶିକ୍ଷାର୍ଥୀଙ୍କ ଭିତରେ ଲୁକ୍‌କାୟିତ ପ୍ରତିଭାର ସ୍ଫୁରଣ ଘଟିଛି । ସେହି ବାଳକ ଜଣେ ଆଦର୍ଶ ଛାତ୍ରରେ ପରିଣତ ହୋଇଛି । ଅଷ୍ଟମରେ, ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷକ କେବଳ ପାଠ ପଢ଼ାଉଥିବା ଜଣେ ମନୁଷ୍ୟ ନୁହନ୍ତି; ସେ ହେଉଛନ୍ତି ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀ ଭିତରେ ଓ ବାହାରେ ପ୍ରେରଣା ଦେଉଥିବା ଜଣେ ଅନୁସରଣୀୟ ବ୍ୟକ୍ତିତ୍ୱ । ଶିକ୍ଷାର୍ଥୀମାନଙ୍କ ପ୍ରତିଭା, ସୃଜନଶୀଳତା ଓ ସମ୍ଭାବନା ବିଷୟରେ ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇବା ହେଉଛି ଜଣେ ଆଦର୍ଶ ଶିକ୍ଷକଙ୍କ ବିରଳ ଦକ୍ଷତା ଅନ୍ତର୍ଭୁକ୍ତ । ନବମ ବିଷୟ ହେଲା ପିଲାମାନଙ୍କ ସ୍ୱତଃସ୍ଫୂର୍ତ ଭାବ ଓ ନୂଆ କଥା ଶିଖିବାର ଇଚ୍ଛାକୁ ଉଜାଗର କରିବା ସହିତ ତାକୁ ସେ ନେଇ ଜାଗ୍ରତ କରିବାକୁ ହେବ । ସେମାନଙ୍କ ଭିତରେ ସର୍ଜନା, ଆବିଷ୍କାର, ଉଦ୍ଭାବନ, ବିଶ୍ଳେଷଣ ଇତ୍ୟାଦି ନେଇ ବିଶେଷ ମାନସିକ ପ୍ରସ୍ତୁତି ଲାଗି ଉଦ୍ୟମ କରାଯିବା ଉଚିତ । ଅନୁଭବ, ପୁସ୍ତକ, ପରିବେଶ, କୌତୂହଳ ଆଧାରରେ ପିଲାମାନେ ନିଜ ନିଜର ବିଚାରବୁଦ୍ଧି ଓ ବିଶ୍ଳେଷଣର ସାମର୍ଥ୍ୟ ବୃଦ୍ଧି କରିବେ । ପିଲାମାନଙ୍କର ସାମଗ୍ରିକ ବିକାଶ ପାଇଁ ଏ ସମସ୍ତ ବିଷୟ ଉପଯୋଗୀ ଓ ପ୍ରାସଙ୍ଗିକ । ଶିକ୍ଷାର ଧ୍ୟେୟ ହେଉଛି ଛାତ୍ରଛାତ୍ରୀମାନଙ୍କର ଚାରିତ୍ରିକ ଓ ଚୈତନ୍ୟଗତ ବିକାଶ । ଦଶମରେ, ଶିକ୍ଷାଦାନ ପ୍ରକ୍ରିୟା ବିଦ୍ୟାଳୟ ପରିସର ଭିତରେ ଓ ବାହାରେ ଚାଲିଥାଏ । ଶିକ୍ଷାର୍ଥୀମାନଙ୍କର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପୃଷ୍ଠଭୂମି, ସେମାନଙ୍କ ଦୁଃଖ, ସେମାନଙ୍କର ଶାରୀରିକ ଓ ମାନସିକ ସ୍ଥିତି ଇତ୍ୟାଦିକୁ ଆଖି ଆଗରେ ରଖି ଶିକ୍ଷଣ ପ୍ରକ୍ରିୟାକୁ ପରିଚାଳନା କରାଯିବା ଦରକାର । ଅତ୍ୟନ୍ତ ଦୁଃଖର ସହ କହିବାକୁ ପଡୁଛି ଯେ ତୃଣମୂଳ ସ୍ତରରେ ଉପରୋକ୍ତ ବିଚାରର ସଂପୂର୍ଣ୍ଣ ବିପରୀତଟି ହିଁ ଦୃଷ୍ଟିଗୋଚର ହୋଇଥାଏ । ଏହି ପରିପ୍ରେକ୍ଷୀରେ ମୁଁ ଦୁଇଟି ଉଦାହରଣ ରଖିବାକୁ ଚାହୁଁଚି । ଗୋଟିଏ ବିଶ୍ୱବିଖ୍ୟାତ ଔପନ୍ୟାସିକ ଲିଓ ଟଲଷ୍ଟୟ ଏବଂ ଦ୍ୱିତୀୟଟି ବିଂଶ ଶତାବ୍ଦୀର ସର୍ବଶ୍ରେଷ୍ଠ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ । ଟଲଷ୍ଟୟ ମାତ୍ର ଦୁଇ ବର୍ଷ ବୟସରେ ନିଜ ମା'ଙ୍କୁ ଓ ନଅ ବର୍ଷ ବୟସରେ ବାପାଙ୍କୁ ହରାଇଥିଲେ । ଏହି କାରଣରୁ ସେ ଉତ୍କଟ ମାନସିକ ପୀଡ଼ାର ଶିକାର ହୋଇଥିଲେ ଓ ତାଙ୍କର ପ୍ରାରମ୍ଭିକ ଶିକ୍ଷା ଲାଭରେ ବିଳମ୍ବ ହୋଇଥିଲା । ଏପରି ଦୁଃସ୍ଥିତିରେ ତାଙ୍କର ସ୍କୁଲ ନାମଲେଖା ହୋଇଥିଲା । ଏହି ସମୟରେ ପ୍ରଥମ ଶ୍ରେଣୀର ଶିକ୍ଷକ ତାଙ୍କ ପ୍ରତି ସହାନୁଭୂତିଶୀଳ ନ ହୋଇ ତାଙ୍କୁ ଏକ କଟୁ ମନ୍ତବ୍ୟ ଦେଇଥିଲେ, 'ତୁମେ ତୁମର ଭାରସାମ୍ୟ ହରାଇ ବସିଛ ଓ ଏକାଗ୍ର ଚିନ୍ନରେ କିଛି ଶିକ୍ଷା ଲାଭ କରିବା ତୁମ ପକ୍ଷରେ ସମ୍ଭବ ନୁହେଁ ।' ଏପରି ମନ୍ତବ୍ୟ ଅତି ବେଦନାଦାୟକ ଥିଲା । ଟଲଷ୍ଟୟ ଅତ୍ୟନ୍ତ ବିରକ୍ତିର ସହ ବିଦ୍ୟାଳୟ ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ଏହିପରି ଏକ ସମାନ ପରିସ୍ଥିତିରେ ବିଶ୍ୱବିସୃତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ ମଧ୍ୟ ସମ୍ବେଦନଶୀଳ ଶିକ୍ଷକ ପାଇ ନ ଥିଲେ । ତାଙ୍କର ଅନେକ ଅନୁସନ୍ଧିତ୍ସାର ଉନ୍ନର ଥିଲା କଡ଼ା ଭର୍ତ୍ସନା ଯେ 'ତୁମ ଠାରୁ ବିଶେଷ କିଛି ଆଶା କରାଯାଇ ପାରେନା' । ଆଇନଷ୍ଟାଇନ ମଧ୍ୟ ସେହି ବିଦ୍ୟାଳୟ ଛାଡ଼ିବାକୁ ବାଧ୍ୟ ହୋଇଥିଲେ । ସ୍ୱାଧୀନତା ପରଠାରୁ ପ୍ରଫେସର ସର୍ବପଲ୍ଲୀ ରାଧାକୃଷ୍ଣନ (୧୯୪୮), ପ୍ରଫେସର ଡି. ଏସ୍. କୋଠାରି (୧୯୬୪-୬୬), ଆଚାର୍ଯ୍ୟ ରାମମୂର୍ତି (୧୯୯୦) ଓ ପ୍ରଫେସର କସ୍ତୁରିରଙ୍ଗନଙ୍କ ଅଧ୍ୟକ୍ଷତାରେ ଚାରିଟି ବ୍ୟାପକ, ତଥ୍ୟପୂର୍ଣ୍ଣ ଉଚ୍ଚକୋଟୀର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି, ଯହିଁରେ ବହୁତ ଗୁଡ଼ିଏ ପ୍ରାସଙ୍ଗିକ ପରାମର୍ଶ ଓ ସୁପାରିସ ରହିଛି । ଯେଉଁ ମାନବିକ ମୂଲ୍ୟବୋଧର ଆବେଦନ ଶିକ୍ଷା ଓ ଶିକ୍ଷଣ ପଦ୍ଧତିକୁ ସମୃଦ୍ଧ କରିଥାଏ, ଅଭିଜ୍ଞ, ସମ୍ବେଦନଶୀଳ ଓ ପ୍ରଶିକ୍ଷିତ ଶିକ୍ଷକଙ୍କୁ ସୃଷ୍ଟି କରିଥାଏ ତା'ର ଉତ୍କଟ ଅଭାବ ଆଜି ମଧ୍ୟ ଶିକ୍ଷାନୁଷ୍ଠାନମାନଙ୍କରେ ରହିଛି । ଏହା ଦୁର୍ଭାଗ୍ୟର ବିଷୟ ଏବଂ ଏ ପ୍ରକାର ସ୍ଥିତି ବଦଳିବା ନିତାନ୍ତ ଜରୁରି ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉ ରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ମୋଦୀଙ୍କ ଜନ୍ମଦିନ ପାଳନ ପାଇଁ ବିଜେପିର ପ୍ରସ୍ତୁତି ବୈଠକ :

## ୧୬ ସେପ୍ଟେମ୍ବରରୁ ଅକ୍ଟୋବର ୨ ସେବା ପକ୍ଷ



ସମ୍ବଲପୁର,୫/୯(ନି/ପ୍ର): ଆସନ୍ତା ୧୭ ତାରିଖ ହେଉଛି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଥିବାରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମୋଦୀ ଜୀଙ୍କ ଜନ୍ମଦିନକୁ ଭବ୍ୟ ଓ ବିଶାଳ ଭାବରେ ପାଳନ କରିବା ପାଇଁ ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୋଦୀ ଜୀଙ୍କ ଜନ୍ମ ଦିନ ୧୭ ସେପ୍ଟେମ୍ବର ରୁ ଆରମ୍ଭ କରି ୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ପର୍ଯ୍ୟନ୍ତ ଏକ ପକ୍ଷ ବ୍ୟାପି ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏହି ସେବାପକ୍ଷ ରାଷ୍ଟ୍ରୀୟ ସ୍ତରରୁ ଆରମ୍ଭ ହୋଇ ରାଜ୍ୟ ସ୍ତରୀୟ, ଜିଲ୍ଲା ସ୍ତରୀୟ ଓ ମଣ୍ଡଳ ସ୍ତରୀୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯିବାକୁ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଜଗତ ପ୍ରାସାଦ ନଡ୍ଡା । ଏଥିପାଇଁ ପ୍ରତ୍ୟେକ ସ୍ତରରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଉଛି । ଆଜି ସମ୍ବଲପୁର ବିଜେପି ପକ୍ଷରୁ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଓଡ଼ିଶା ସାଂସ୍କୃତିକ ସମାଜ ଭବନ ଠାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ଜିଲ୍ଲା ସ୍ତରୀୟ ଓ ମଣ୍ଡଳ ସ୍ତରୀୟ ପଦାଧିକାରୀ ଓ ସକ୍ରିୟ ସଦସ୍ୟମାନେ ଉପସ୍ଥିତ ଥିଲେ । ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସିମାଂଚଳ ଖଟେଇ ପ୍ରମୁଖ ଉପସ୍ଥିତ କର୍ମୀଙ୍କୁ ସେବା ପକ୍ଷର ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ । ମୋଦୀଙ୍କ ଜନ୍ମ ଦିନ ପାଳନ ଅବସରରେ ହେବକୁ ଥିବା ସେବା ପକ୍ଷରେ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ପ୍ରଧାନମନ୍ତ୍ରୀ ମୋଦି ଜି ଙ୍କ ଜୀବନ ଉପରେ ଆଧାରିତ ପ୍ରଦର୍ଶନୀ, ବିକଶିତ ଭାରତ ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରବୃଦ୍ଧ ବର୍ଗ ଙ୍କ ସହ ସମ୍ବାଦ, ପ୍ରଧାନମନ୍ତ୍ରୀ ମୋଦୀ ଙ୍କ ଉପରେ ଆଧାରିତ ଡକ୍ୟୁମେଂଟାରି ଫିଲ୍ମ ପ୍ରଦର୍ଶନ, ପ୍ରଧାନମନ୍ତ୍ରୀଙ୍କର ଉପରେ ଚୟନିତ ପୁସ୍ତକ ବଂଟନ, ଜାତୀୟ ଉପକୂଳ ଦିବସ (୨୦ ସେପ୍ଟେମ୍ବର), ମୋଦୀ ବିକାଶ ମାରାଥନ୍, ପଣ୍ଡିତ ଦିନଦୟାଳ ଜୟନ୍ତି (୨୫ ସେପ୍ଟେମ୍ବର), 'ଭୋକଲ୍ ଫର୍ ଲୋକାଲ' ର ପ୍ରଚାର, ଦିବ୍ୟାଙ୍ଗ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ବ୍ୟକ୍ତି ଙ୍କୁ ସମ୍ମାନିତ୍ କାର୍ଯ୍ୟକ୍ରମ୍, ସାଂସଦ କ୍ରୀଡା ପ୍ରତିଯୋଗିତା, ଗାନ୍ଧୀ ଜୟନ୍ତୀ ଓ ଶାସ୍ତ୍ରୀ ଜୟନ୍ତୀ ଭଳି ଅନେକ କାର୍ଯ୍ୟକ୍ରମ ହାତ କୁ ନିଆଯିବ । ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା ଙ୍କ ସଭାପତିତ୍ୱ ରେ ହୋଇଥିବା ଏହି ବୈଠକ ରେ କୁଚିଣ୍ଡା ବିଧାନସଭା ସଂଯୋଜକ ବିଭୁ କଲ୍ୟାଣ ପଟେଲ ସ୍ୱାଗତ ଭାଷଣ ଦେଇଥିଲେ । ପୂର୍ବତନ ଜିଲ୍ଲା ପାରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରେଢ଼ାଖୋଲ ବିଧାନସଭା ସଂଯୋଜକ ପ୍ରମୋଦ ସାହୁ, ରେଙ୍ଗାଲି ବିଧାନସଭା ସଂଯୋଜକ ଆଶିଷ ହୋତା, ଜିଲ୍ଲା ସଂଯୋଜିକା ଅନ୍ନପୂର୍ଣ୍ଣା ବାରିକ୍ ମଂଚାସିନ ଥିଲେ । ଆଜିର ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଡ଼.ପ୍ରମୋଦ ରଥ, ମାନସ ରଞ୍ଜନ ବକ୍ସି, ସମୀର ରଞ୍ଜନ ବାବୁ, ସୁଶାନ୍ତ ପୁରୋହିତ, ସରୋଜ ଦଲପତ୍, ବିପିନ ଭାଟିଆ, ରିକି ବେହେରା, ଗୁଗା ସିଂ, ସଞ୍ଜୀବ ବର୍ମା, ଅବିନାଶ ନନ୍ଦ, କବିନ୍ଦ୍ର ମହାପାତ୍ର, ଆକାଶ ଆଚାର୍ଯ୍ୟ, ଅରୁଣ ଦାସ, ମୋହନ୍ ଦାଶ, ଶିବ ଦିୱାନ୍, ଅଜୟ ବେହେରା, ପୁଷ୍ପାଞ୍ଜଳୀ ଜେନା, ସରୋଜିନୀ ବନଛୋର, ସୁଜାତା ଗୁରୁ, ସୀତାକାନ୍ତି ମେଶୁଆ, ସୁଷମା ମୁଣ୍ଡା, ସଂଯୁକ୍ତା ପ୍ରଧାନଙ୍କ ସମେତ ରେଙ୍ଗାଲି, ରେଢ଼ାଖୋଲ, କୁଚିଣ୍ଡା ନିର୍ବାଚନ ମଣ୍ଡଳୀରୁ ମଣ୍ଡଳ ସଭପତି ଓ ସକ୍ରିୟ କାର୍ଯ୍ୟକର୍ତା ମାନେ ଉପସ୍ଥିତ ଥିଲେ ।

## ଚନ୍ଦ୍ରଗ୍ରହଣ ପାଇଁ ମା ସମଲେଶ୍ୱରୀ ପୀଠରେ ଦେବନୀତି ପରିବର୍ତନ



ସମ୍ବଲପୁର,୫/୯(ନି/ପ୍ର):ମା ସମଲେଶ୍ୱରୀଙ୍କ ମନ୍ଦିରରେ ଆସନ୍ତା ରବିବାର ୭ ତାରିଖ ଦିନ ପଡୁଥିବା ଚନ୍ଦ୍ରଗ୍ରହଣକୁ ଦୃଷ୍ଟିରେ ରଖି ପରିଚାଳନା କମିଟି ପକ୍ଷରୁ ଦେବନୀତିରେ ପରିବର୍ତନ କରାଯାଇଛି । ଉକ୍ତ ଦିନ ସକାଳର ମଙ୍ଗଳ ଆଳତି ଓ ଅନ୍ୟ ନୀତିକାନ୍ତି ପରେ ଦର୍ଶନ ଜାରି ରହିବ । ଦିବା ୧୧. ୪୫ ମିନିଟ ସମୟରୁ ଦର୍ଶନ ବନ୍ଦ ରହିବ ଓ ୧୨. ୦୦ ଘଂଟା ସମୟରେ ଅନ୍ନ ଭୋଗ ଲାଗି ହେବା ପରେ ଦର୍ଶନ ସୋମବାର ସକାଳ ୦୬. ୦୦ ଘଂଟା ପର୍ଯ୍ୟନ୍ତ ବନ୍ଦ ରହିବ । ସୋମବାର ୮ ତାରିଖ ସକାଳ ୪. ୩୦ ରୁ ମନ୍ଦିର ଶୋଧନ ପରେ ୦୫. ୦୦ ଘଂଟା ସମୟରେରେ ମଙ୍ଗଳ ଆଳତି ଓ ନିତ୍ୟ ନୀତିକାନ୍ତି ପରେ ଦର୍ଶନ ପୁଣି ଆରମ୍ଭ ହେବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ଆମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି ।

## ଅପରେସନ ପ୍ରହାର କାର୍ଯ୍ୟକାରିତା ଉପରେ ସୂଚନା ଦେଲେ ଏସପି କୋରାପୁଟ

ଜୟପୁର, ୫/୯(ନି/ପ୍ର): ଅପରେସନ ପ୍ରହାରର କାର୍ଯ୍ୟକାରିତା ଉପରେ ଆଜି କୋରାପୁଟ ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି । ଜୟପୁର ଟାଉନ ଥାନାରେ ଏକ ସାମ୍ବାଦିକ ସମ୍ମିଳନିରେ ଉପସ୍ଥିତ ରହି ସୂଚନା ଦେଇଛନ୍ତି । କାକିରିଗୁମ୍ମା ପୋଲିସ ଗତ ୩ ତାରିଖରେ ୩୯୪.୯୦୦ କେଜି ଗଞ୍ଜେଇ, ଟ୍ରକ ବୋଲେରୋ ଜବତ କରିଛି । ସେହପରି ଗତ ୨ ତାରିଖରେ ସେମିଳିଗୁଡା ଠାରେ ୩୨ କେଜି ଗଞ୍ଜେଇ ଜବତ କରିଛି । ଜୟପୁର ଟାଉନ ପୋଲିସ ଆଜି ୫ କେଜି ଗଞ୍ଜେଇ ଜବତ କରିଛି । ଗତ ୩ ତାରିଖରେ ଜୟପୁର ପୋଲିସ ଓ ପୌରପାଳିକା ମିଳିତ ଭାବେ ଚଢଉ କରିଥିଲେ । ବେଆଇନ ଭାବେ ତମାଖୁ ରଖିବା ବକ୍ରି କରିବା ଅଭିଯୋଗରେ ଚଢଉ କରିଥିଲେ । ସହର ଭଦ୍ରେୟା ସାହିରେ ୩ଟି ଗୋଦାମରେ ଚଢଉ କରି ୪୫ ଲକ୍ଷ ମୂଲ୍ୟର ତମାଖୁ, ଗୁଟୁଖା, ସିଗାରେଟ, ଜବତ କରି ଗୋଦାମ ସିଲ କରାଯାଇଛି । ଆଗାମି ଦିନରେ ମଧ୍ୟ ଚଢଉକୁ ଜୋରସୋର କରାଯିବ ବୋଲି ସୂଚନା ଦେଇଛନ୍ତି । ବିଶେଷ କରି ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ ଶହେ ମିଟର ଦୂରରେ ଯେଉଁମାନେ ଗୁଟଖା ଓ ଧୁମପାନ ସାମଗ୍ରୀ ବିକ୍ରି କରୁଛନ୍ତି ସେମାନଙ୍କ ଉପରେ ମଧ୍ୟ କାଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି ରୋହିତ ବର୍ମା ସୂଚନା ଦେଇଛନ୍ତି । ବିଭିନ୍ନ ସ୍ଥାନରେ ଅଫିମ ତଥା ଡ୍ରଗସ ବିକ୍ରି ଉପରେ ଚଢ଼ଉ କରାଯିବ । ଆଜିର ସମ୍ବାଦିକ ସମ୍ମିଳନିରେ ଏସଡିପିଓ ପାର୍ଥ କଶ୍ୟପ, ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ପୌର ପରିମଳ ନିରିକ୍ଷକ ସତ୍ୟ ନାରାୟଣ ପାତ୍ର ଉପସ୍ଥିତ ଥିଲେ ।



ଝାରସୁଗୁଡ଼ା ଜିଲ୍ଲାରେ ମାଣ୍ଡିଆ ସଚେତନତା ରଥ ଉଦ୍‌ଘାଟିତ

## ବିଜେପି ସରକାର ଖୁବ ଶୀଘ୍ର ସମ୍ବଲପୁର ମହାନଗର ନିର୍ବାଚନ କରିବେ ବୋଲି ଆଶା :ରୋହିତ ପୂଜାରୀ



ସମ୍ବଲପୁର,୫/୯(ନି/ପ୍ର) :ହାଇକୋର୍ଟଙ୍କ ରାୟ ପରେ ସମ୍ବଲପୁର ମହାନଗର ନିର୍ବାଚନ ପାଇଁ ପଥ ପରିଷ୍କାର ହୋଇଛି । ଏନେଇ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଛନ୍ତି ସମ୍ବଲପୁର ମହାନଗର ନିର୍ବାଚନ ପାଇଁ ହାଇକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ । ଆଶା କରୁଛୁ, ବିଜେପି ସରକାର ଖୁବ ଶୀଘ୍ର ଏହି ନିର୍ବାଚନ କରିବେ । କାରଣ ସମ୍ବଲପୁର ଲୋକେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହାର ଶୀଘ୍ର ସମାଧାନ ହୋଇ ପାରିବ । ସହରରେ ପରିମଳ, ରାସ୍ତାଘାଟ, ବିଜୁଳି ଓ ପିଇବା ପାଣି ପରି ମୌଳିକ ସମସ୍ୟା ରହିଛି । ଶୀଘ୍ର ନିର୍ବାଚନ ହେଲେ, ଏ ସବୁ ସମାଧାନ ହେବ । ସୂଚନାଯୋଗ୍ୟ, ପ୍ରାୟ ଏକ ଦଶନ୍ଧି ପରେ ସମ୍ବଲପୁର ମ୍ୟୁନିସିପାଲ କର୍ପୋରେସନ (ଏସଏମସି) ନିର୍ବାଚନ ପାଇଁ ଦୀର୍ଘ ଦିନ ଧରି ଲାଗି ରହିଥିବା ସମସ୍ୟାର ଅନ୍ତ ଘଟିଛି । ଏବେ ନିର୍ବାଚନ ପାଇଁ ପଥ ଶେଷରେ ପରିଷ୍କାର ହୋଇଛି । ୨୦୧୫ ମସିହାରୁ ନିର୍ବାଚନକୁ ଅଟକାଇ ରଖିଥିବା ଏକ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ତାଙ୍କର ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି । ଜଷ୍ଟିସ ଆରକେ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ରାଜ୍ୟ ସରକାରଙ୍କ ଦ୍ୱାରା ପୂର୍ବରୁ ଜାରି କରାଯାଇଥିବା ୱାର୍ଡ ସଂରକ୍ଷଣ ବିଜ୍ଞପ୍ତିକୁ ସଂରକ୍ଷଣ ନିୟମର ଉଲ୍ଲଂଘନ ଦର୍ଶାଇ ବାତିଲ କରିଦେଇଛନ୍ତି । ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ହେବ ନାହିଁ ବୋଲି ନିୟମକୁ କଡ଼ାକଡ଼ି ପାଳନ କରି କୋର୍ଟ ସରକାରଙ୍କୁ ଛଅ ସପ୍ତାହ ମଧ୍ୟରେ ନୂତନ ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଜୟ କୁମାର ମହାନ୍ତିଙ୍କ ଦ୍ୱାରା ଦାଏର ଏକ ଆବେଦନର ଜବାବରେ ଏହି ରାୟ ଆସିଥିଲା, ସେ ପୂର୍ବ ବିଜ୍ଞପ୍ତିକୁ ୫୦ ପ୍ରତିଶତରୁ ଅଧିକ ୱାର୍ଡ ପାଇଁ ସଂରକ୍ଷଣ ପ୍ରଦାନ କରିଥିବା ଆଧାରରେ ଚ୍ୟାଲେଞ୍ଜ କରିଥିଲେ - ଯାହା ସୁପ୍ରିମକୋର୍ଟଙ୍କ ରାୟର ବିରୁଦ୍ଧାଚରଣ କରିଥିଲା । ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ହାଇକୋର୍ଟ ଏପ୍ରିଲ ୨୦୧୫ରେ ଏକ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଜାରି କରିଥିଲେ, ଯାହା ପ୍ରାୟ ଦଶ ବର୍ଷ ପାଇଁ ଏସଏମସି ନିର୍ବାଚନକୁ ପ୍ରଭାବଶାଳୀ ଭାବରେ ସ୍ଥଗିତ ରଖିଥିଲା । ହୀରାକୁଦ ଏନଏସି, ବୁର୍ଲା ଏନଏସି ଏବଂ ୧୨ଟି ଗ୍ରାମ ପଚାଂୟତକୁ ମିଶ୍ରଣ କରି ୧୫ ସେପ୍ଟେମ୍ବର ୨୦୧୩ରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ମାଧ୍ୟମରେ ଏସଏମସି ଆନୁଷ୍ଠାନିକ ଭାବରେ ଗଠନ କରାଯାଇଥିଲା । ସେତେବେଳେ, ନିର୍ବାଚିତ ପ୍ରତିନିଧିମାନେ ନାଗରିକ ସମସ୍ୟାର ସମାଧାନ କରିବେ ଏବଂ ମୌଳିକ ସେବା ପ୍ରଦାନକୁ ସୁଦୃଢ଼ କରିବେ ବୋଲି ସାଧାରଣରେ ଆଶା କରାଯାଉଥିଲା । ତଥାପି, ୱାର୍ଡ ସଂରକ୍ଷଣ ବିବାଦ ଯୋଗୁ ନିର୍ବାଚନ ଅନୁଷ୍ଠିତ ହୋଇପାରିଲା ନାହିଁ । ହାଇକୋର୍ଟଙ୍କ ରାୟ ସହିତ, ଆଇନଗତ ପ୍ରତିବନ୍ଧକ ଦୂର ହୋଇଛି, ଯାହା ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ପରେ ଓଡ଼ିଶାର ଚତୁର୍ଥ ନଗର ନିଗମରେ ନିର୍ବାଚନ ପାଇଁ ପଥ ପରିଷ୍କାର କରିଛି ।

## ଭିସୁଟ ଛାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁ, ତଦନ୍ତ ପରେ ଖୋଲିବ ଗୁମର

ସମ୍ବଲପୁର,୫/୯(ନି/ପ୍ର) :ବୁର୍ଲା ନିକଟସ୍ଥ ପାୱାର ପ୍ୟାନେଲ(ପିସି) ବ୍ରିଜରୁ ଖସିପଡ଼ି ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) ଜନୈକ ଛାତ୍ରଙ୍କ ମୃତ୍ୟୁଘଟିଥିବା ଖବର ମିଳିଛି । ମୃତକ ଭିସୁଟ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ଶେଷ ବର୍ଷ ଛାତ୍ର ଯାଜପୁରର ଅଞ୍ଜନେୟ ଦାସ ବୋଲି ଚିହ୍ନଟ କରାଯାଇଛି । ଗତକାଲି ବିଳମ୍ବିତ ରାତିରେ ସେ ଉକ୍ତ ବ୍ରିଜକୁ ଯାଇଥିଲେ । ବ୍ରିଜରୁ ଖସିଯିବା ପରେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ଭିମସାରରେ ଭର୍ତି କରାଯାଇଥିଲା । ମାତ୍ର ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି । ବୁର୍ଲା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି । ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି ବୋଲି ଭିସୁଟ କର୍ତୃପକ୍ଷ ଓ ଥାନା ସୂତ୍ରରୁ କୁହାଯାଇଛି । ତେବେ ଛାତ୍ରଙ୍କ ଏଭଳି ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଭିନ୍ନ ସନ୍ଦେହ ଘନିଭୂତ ହୋଇଛି । ଛାତ୍ର ଜଣକ ବ୍ରିଜ ନିକଟକୁ କେତେବେଳେ ଯାଇଥିଲେ, ସେ ଏକାକୀ ଯାଇଥିଲେ ନା ତାଙ୍କ ସହ ଆଉ ଥିଲେ, କେଉଁ ପରିସ୍ଥିତିରେ ସେ ବ୍ରିଜ ଉପରୁ ଖସିପଡ଼ିଲେ ଏହି ଘଟଣାକୁ ଯେତିକି ସନ୍ଦେହ ଭିତରକୁ ଟାଣି ନେଉଛି ତା'ଠାରୁ ଅଧିକ କିଏ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତି କରାଇଲେ ତେବେ ଘଟଣାର ତଦନ୍ତ ସରିବା ପରେ ଏହା ଦୁର୍ଘଟଣା, ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟା ତାହା ସ୍ପଷ୍ଟ ହୋଇପାରିବ ।

## ରାସ୍ତା ସମସ୍ୟା ଜଟିଳ, କାଦୁଅ ପଚ୍ ପଚ୍ ରାସ୍ତାରେ ଘାଂଟି ହେଉଛନ୍ତି ୩ ପଡ଼ାବାସୀ

ସମ୍ବଲପୁର,୫/୯(ନି/ପ୍ର) :କେନ୍ଦ୍ର ତଥା ରାଜ୍ୟ ସରକାର ଗମନାଗମନକୁ ଗୁରୁତ୍ୱ ଦେଇ ଗ୍ରାମାଂଚଳର ବିକାଶ ଲକ୍ଷ୍ୟ ରଖି ସମସ୍ତ ରାସ୍ତାଘାଟ ନିର୍ମାଣକୁ ଗୁରୁତ୍ୱ ଦେଉଛନ୍ତି । ମାତ୍ର ସରକାର ବହୁ ଯୋଜନା କରି ଆସୁଥିବା ବେଳେ ପ୍ରଶାସନିକ ଉଦାସୀନତା ଯୋଗୁଁ ଏହା ସମ୍ପୂର୍ଣ୍ଣ ପ୍ରହସନ ପାଲଟିଛି । ଜିଲ୍ଲା ସଦର ମହକୁମାର ବିଭିନ୍ନ ରାସ୍ତାଘାଟ ଖାଲଖମାରେ ମରଣଯନ୍ତା ପାଲଟି ଥିବା ବେଳେ ଉପାନ୍ତ ବ୍ଲକ୍ ଜମନକିରାରେ ମଧ୍ୟ ଅନୁରୂପ ଅବ୍ୟବସ୍ଥା ଦେଖିବାକୁ ମିଳିଛି । ଏହି ବ୍ଲକ ଅନ୍ତର୍ଗତ ଧୁଡ଼ିପାଲି ପଂଚାୟତର ଲାଡମପାଲି ଗାଁର ଦୃଶ୍ୟ ଅବତାରଣା କଲେ ଝୁନାପଡ଼ା ଠାରୁ ଗୁପ୍ତେଶ୍ୱର ମନ୍ଦିର ଦେଇ ଯାଇଥିବା ନୂଆପଡ଼ା ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ପଚ୍ ପଚ୍ । ଏହି ଗାଁ ରାସ୍ତାରେ ଦୈନନ୍ଦିନ ପିଲାମାନେ ପାଠ ପଢିବା ପାଇଁ ଯାଉଥିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିସହ ପଡ଼ାରେ ରହୁଥିବା ଲୋକେ ମଧ୍ୟ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ନେଇ ପଡାର ଶଙ୍କର ଧୁରୁଆ, ଲିଙ୍ଗରାଜ ରାଜ, ହେମନ୍ତ ବଞ୍ଛର, ସୌଭାଗ୍ୟ ଭଇଁସା, ପ୍ରକାଶ ବଞ୍ଛରଙ୍କ ସମେତ ବହୁ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମାନଙ୍କ କହିବା ଅନୁସାରେ ଏ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ସୁଦ୍ଧା ନା ଶୁଣୁଛନ୍ତି ସରପଂଚ, ନା ଶୁଣୁଛନ୍ତି ବିଡ଼ିଓ, ନା ଶୁଣୁଛନ୍ତି ଉନ୍ନୟନ ବିଭାଗ । ଏହି ରାସ୍ତା ଉପରେ ପ୍ରାୟ ୧୫୦ ରୁ ଉର୍ଦ୍ଧ ଘର ପରିବାର ନିର୍ଭର କରିଥାନ୍ତି । ରାସ୍ତାରେ ଦୂରତା ୨ କିଲୋମିଟର ଲରୁ ଅଧିକ ହୋଇଥିବା ବେଳେ ଏହି ରାସ୍ତା ଉପରେ ଶହ ଶହ ଲୋକ ନିର୍ଭର କରିଥାନ୍ତି । ଝୁନାପଡ଼ା, କିଷାନପଡ଼ା ଓ ନୂଆପଡ଼ା ରେ ଅଧିକାଂଶ ଲୋକ ଅନୁସୂଚିତ ଜନଜାତି, ଜନଜାତି ହୋଇଥିବା ବେଳେ ସମସ୍ତେ ପ୍ରାୟ କୃଷି ଉପରେ ନିର୍ଭର କରିଥାନ୍ତି । ଏହି ତିନି ପଡ଼ାରୁ ପ୍ରତ୍ୟେକ ଦିନ ୧୦ ରୁ ୧୫ ଜଣ ଅଙ୍ଗନବାଡ଼ି ଠୁ ଧରି ଉଚ୍ଚ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀ ଛାତ୍ର ମାନେ ପାଠ ପଢିବା ପାଇଁ ନିତିଦିନ ଯା ଆସ କରିଥାନ୍ତି । ସାଧାରଣ ଲୋକ ମଧ୍ୟ ବିଭିନ୍ନ କାମରେ ଯିବା ଆସିବା କରିଥାନ୍ତି । ତେବେ ଏଭଳି ଶୋଚନୀୟ ରାସ୍ତା ଯୋଗୁଁ ପିଲାମାନେ ତଥା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏନେଇ ସରପଂଚ ଅରୁଣ କୁମାର ନାଏକ ଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଆମ ଦ୍ୱାରା ମାଟି ମୂରୁମ୍ କାମ ହେଇ ପାରିବ । ମନରେଗା ଯୋଜନାରେ ପୂର୍ବରୁ ରାସ୍ତା କରିବା ପାଇଁ ଆକ୍ସନ ପ୍ଲାନ୍ ରେ ପକା ଜାଇଥିଲା କିନ୍ତୁ ଲୋକେ ଉକ୍ତ କାମକୁ ବିରୋଧ କରିଥିଲେ । ତେଣୁ କାମ ହୋଇ ପାରିନଥିଲା । ପରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀଙ୍କୁ ଯୋଗାଯୋଗ କରି ପଚାରିବାରୁ ସେ ଏଦିଗରେ ଶୀଘ୍ର ପଦକ୍ଷେପ ନେବେ ବୋଲି କହିଥିଲେ । ହେଲେ ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ସଦରମହକୁମାର ଅଧିକାଂଶ ରାସ୍ତା ଖାଲଖମାରେ ମରଣଯନ୍ତା ପାଲଟି ଥିବା ବେଳେ ବିଭିନ୍ନ ବ୍ଲକ୍, ପଂଚାୟତ ରାସ୍ତା ମଧ୍ୟ ତଦ୍ରୂପ ହୋଇପଡିଛି । ନିର୍ବାଚନ ପରେ ସହରବାସୀଙ୍କ ଠାରୁ ଆରମ୍ଭ କରି ଗ୍ରାମାଂଚଳର ଲୋକେ ସବୁ କିଛି ପରିବର୍ତନ ଆଶା ରଖିଥିବା ବେଳେ ଜିଲ୍ଲାର ରାସ୍ତା ସମସ୍ୟାର ସମାଧାନ କେବେ ହେବ ତାହା ଏବେ ବିଭିନ୍ନ ମହଲରେ ମୁଖ୍ୟ ପ୍ରଶ୍ନବାଚୀ ହୋଇଛି ।

### ଅଟୋ ବାଇକ ମୁହାଁ ମୁହିଁ ଧକ୍କା : ବାଇକ ଚାଳକ ଗୁରୁତର

ଜୟପୁର,୫/୯(ନି/ପ୍ର) : ଜୟପୁର କେନାଲ ରୋଡରେ ଅଟୋ ଓ ବାଇକ ମୁହାଁ ମୁହିଁ ଧକ୍କାହେବା ଫଳରେ ବାଇକ ଚାଳକ ଗୁରୁତର ହୋଇଛନ୍ତି । ଅପରାହ୍ନରେ ଜୟପୁର ଗାନ୍ଧିଛକ ପଟୁ ଏକ ଅଟୋ(ଓଆର୧୦ଜେ ୬୫୬୨) ଆସୁଥିବା ସମୟରେ ବିପରିତ ଦିଗରୁ ଏକ ପଲସର ବାଇକ ସହ ଧକ୍କା ହୋଇଥିଲା । ଖବର ପାଇ ଟାଉନ ପୁଲିସ ଘଟଣା ସ୍ଥଳରେ ପହଁଚି ବାଇକ ଚାଳକ ଲିଙ୍ଗରାଜ ନଗର ଅଂଚଳର ଦେବାଶିଷ ମହାନ୍ତିଙ୍କ ପରିବାରକୁ ଫୋନ କରିବା ସହ ଉଭୟ ଗାଡିକୁ ଅଟକ ରଖି ବାଇକ ଆରୋହି ଦେବାଶିଷକୁ ଜିଲ୍ଲା ଚିକିତ୍ସାଳୟକୁ ପଠାଇଥିଲେ । ଜିଲ୍ଲା ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ କୋରାପୁଟ ସ୍ଥାନାନ୍ତର କରିବା ପାଇଁ କୁହାଯାଇଥିଲା ।

## ହୀରାକୁଦରେ ଖୋଲିଲା ୪ ଗେଟ୍, ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ



ସମ୍ବଲପୁର,୫/୯(ନି/ପ୍ର) :ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ କରୁଛି । ହୀରାକୁଦ ଜଳଭଣ୍ଡାରର ସ୍ଥିତିକୁ ନଜର ରଖି ଆଜି ସକାଳେ ପୁଣି ଚାରିଟି ଗେଟ୍ ଖୋଲି ଦିଆଯାଇଛି । ହୀରାକୁଦ ଜଳଭଣ୍ଡାର ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ଏହାଫଳରେ ଏବେ ମୋଟ୍ ୨୦ଟି ଗେଟ୍ ଖୋଲାଯାଇଛି । ଏଥିମଧ୍ୟରୁ ବାମପଟେ ୧୩ଟି ଓ ଡାହାଣ ପଟେ ୭ଟି ଗେଟ୍ ଖୋଲାରହିଛି । ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି । ହୀରାକୁଦ ଜଳଭଣ୍ଡାରକୁ ମହାନଦୀର ଉପରମୁଣ୍ଡରୁ ବନ୍ୟାଜଳ ପ୍ରବେଶ କରୁଛି । ହୀରାକୁଦ ଜଳଭଣ୍ଡାରର ସ୍ଥିତିକୁ ନଜର ରଖି ଆଜି ସକାଳେ ପୁଣି ଚାରିଟି ଗେଟ୍ ଖୋଲି ଦିଆଯାଇଛି । ହୀରାକୁଦ ଜଳଭଣ୍ଡାର ପକ୍ଷରୁ ଗଣମାଧ୍ୟମକୁ ଏହି ସୂଚନା ଦିଆଯାଇଛି । ଏହାଫଳରେ ଏବେ ମୋଟ୍ ୨୦ଟି ଗେଟ୍ ଖୋଲାଯାଇଛି । ଏଥିମଧ୍ୟରୁ ବାମପଟେ ୧୩ଟି ଓ ଡାହାଣ ପଟେ ୭ଟି ଗେଟ୍ ଖୋଲାରହିଛି । ଅନ୍ୟପଟରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ୨୦ଟି ଗେଟ୍ ଖୋଲାଯାଇ ଥିବାରୁ ମହାନଦୀରେ ବନ୍ୟା ଜଳସ୍ତର ବଢ଼ିବାର ଆଶଙ୍କା ରହିଛି । ଫଳରେ ହୀରାକୁଦ ଡ୍ୟାମର ତଳମୁଣ୍ଡରେ ଥିବା ନଦୀ ଶଯ୍ୟା ଅଂଚଳରେ ବନ୍ୟା ଆସିବାର ଆଶଙ୍କା ରହିଛି । ଜନସାଧାରଣଙ୍କ ଜୀବନ ଏବଂ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀକୂଳ ଅଚଂଳରେ ବସବାସ କରୁଥିବା ଲୋକେ ନଦୀ ଶଯ୍ୟାଠାରୁ ଦୂରେଇ ରହିବା ସହିତ ସମସ୍ତ ସତର୍କତାମୂଳକ ପଦକ୍ଷେପ ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଉଛି ।

### ଆସନ୍ତା ୧୩ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଜୟପୁର,୫/୯(ନି/ପ୍ର) : ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ୧୩ ତାରିଖ ଶନିବାର ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସମେତ କୋରାପୁଟ, କୋଟପାଡ, ବୋରିଗୁମ୍ମା, ସେମିଳିଗୁଡା, ଦଶମନ୍ତପୁର, ଲମତାପୁଟ ଏବଂ ଲକ୍ଷ୍ମୀପୁରରେ ଥିବା ସମସ୍ତ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି ।




# ଇଦ୍-ଏ-ମିଲାଦ୍ ଉନ୍-ନବିରେ ମହା ଶୋଭାଯାତ୍ରା : ହଜରତ ପେଗମ୍ବର ମହମ୍ମଦଙ୍କ ଜୟନ୍ତୀ







ରାଉରକେଲା,୫/୯(ନି/ପ୍ର): ହଜରତ ମହମ୍ମଦ ପେଗମ୍ବରଙ୍କ ଜୟନ୍ତୀ ଇଦ୍-ଏ-ମିଲାଦ୍ ଉନ୍-ନବି ଅବସରରେ ଆଜି ଏକ ଶୋଭାଯାତ୍ରା ବାହାର କରାଯାଇଥିଲା । ଏହି ଶୋଭାଯାତ୍ରା ପୂର୍ବ ନିର୍ଦ୍ଧାରିତ ରାସ୍ତା ଅନୁଯାୟୀ ହସନପୁର ନାଲା ରୋଡ ଛକରୁ ବାହାରି ମେନ୍ ରୋଡ୍, ରଜାକ୍ ଟକିଜ୍ ଲେନ୍, ଦରଗାହି ମୋହଲ୍ଲା, ପୁରୁଣା ଷ୍ଟେସନ ରୋଡ୍, ନାଲା ରୋଡ୍ ଚୌକ୍, ମେନ୍ ରୋଡ୍, ପ୍ଲାଂଟ ସାଇଟ୍, ମହତାବ ରୋଡ୍, ଟ୍ରାଫିକ୍ ଚୌକ୍, ରିଙ୍ଗ ରୋଡ୍, ବିସ୍ରା ଚୌକ୍, ମେନ୍ ରୋଡ୍, ମଧୁସୂଦନ ଚୌକ୍, ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡ, ଆନନ୍ଦ ଭବନ ଲେନ୍ ଦେଇ ମହତାବ ରୋଡ୍ ସ୍ଥିତ ଆର.ଡି.ଏ କୋଠା ନିକଟରେ ଶେଷ ହୋଇଥିଲା । ସେହିପରି ମଧୁସୂଦନ ପାଲିରୁ ଏକ ଶୋଭାଯାତ୍ରା ବାହାରି ମାଲଗୋଦାମ ଅଂଚଳ ପରିକ୍ରମା କରି ପୁଣି ମଧୁସୂଦନ ପାଲିରେ ଶେଷ ହୋଇଥିଲା । ମାଲଗୋଦାମର ମଦ୍ରାସା ରହମାନିଆ ଗରିବ ନୱାଜ ଶୋଭାଯାତ୍ରାରେ ସାଜିଦ୍ ଖାନ୍, ରାକିବ୍ ଖାନ୍, ଏମ୍ ଡି ମଂଜୁର, ଏମ୍ ଡି ସୈଫ୍ ଅଲ୍ଲୀ, ଗୁଲାମ ଚିଷ୍ଟି, ଶେଖ୍ ସାହାନୱାଜ, ଏମ୍ ଡି ବବଲୁ, ଏମ୍ ଡି ରମଜାନ, ଏମ୍ ଡି ନଇମ୍ ନେତୃତ୍ୱ ନେଇଥିଲେ । ସେହିପରି ରାଉରକେଲାର ସେଟ୍ରାଂଲ ମହରମ୍ ଏଜାଜ୍ ଅଖତର, ଏମ୍ ଡି ଆସଦକ୍, ଆୟୁବ ଖାନ୍, ଏମ୍ ଡି ମିକି, ଏମ୍ ଡି ଇମାମ୍ ନେତୃତ୍ୱ ନେଇଥିଲେ । ହଜରତ୍ ପେଗମ୍ବର ମହମ୍ମଦଙ୍କ ଜୟନ୍ତୀ ଅବସରରେ ପାନପୋଷ ବସ୍ତିରୁ ଏକ ଶୋଭାଯାତ୍ରା ବାହାରି ରୋଟାରୀ ଛକ ପର୍ଯ୍ୟନ୍ତ ଆସି ସେଠାରୁ ପୁଣି ପାନପୋଷ ବସ୍ତିରେ ଥିବା ମସଜିଦ ଠାରେ ଶେଷ ହୋଇଥିଲା । ଶୋଭାଯାତ୍ରାରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇଥିଲା ବେଳେ ମିଫ୍ତା-ଉଲ୍-ଉଲଚମ୍ ମଦ୍ରାସା କମିଟିର ଅଧ୍ୟକ୍ଷ ଅନୱ୍ୱର କୁରେଶୀ, ଉପାଧ୍ୟକ୍ଷ ମହମ୍ମଦ ଆରିଫ, ସମ୍ପାଦକ ମହମ୍ମଦ ମକସୁଦ୍, କୋଷାଧ୍ୟକ୍ଷ ମହମ୍ମଦ ଅନୱ୍ୱରଙ୍କ ସମେତ ସଦସ୍ୟ ହାଜି ଅଖତର ରହମାନି, ନସି ଅଖତର, ଗୁଡ୍ଡୁ କ୍ୟୁରେଶୀ ପ୍ରମୁଖ ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ । ହଜରତ୍ ପେଗମ୍ବର ମହମ୍ମଦଙ୍କ ଜୟନ୍ତୀ ଶୋଭାଯାତ୍ରା ସମୟରେ ବିଭିନ୍ନ ସଂଗଠନ ପକ୍ଷରୁ ଫଳ, ହାଲୁଆ, ସରବତ୍ ଇତହାଦି ବଟଂନ କରାଯାଇଥିଲା । ରାଉରକେଲା ପୋଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହିତ ବିଭିନ୍ନ ସ୍ଥାନରେ ପୋଲିସ୍ ମୁତୟନ କରାଯାଇଥିଲା ।

## ବିପିୟୁଟିରେ ରକ୍ତଦାନ ଶିବିର



ରାଉରକେଲା,୫/୯(ନି/ପ୍ର): ବିଜୁ ପଟ୍ଟନାୟକ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ (ବିପିୟୁଟି), ଓଡ଼ିଶା, ଠାରେ ଏକ ସ୍ଥାନୀୟ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ସଫଳତାର ସହିତ ଆୟୋଜନ କରିଥିଲା । ଜୀବନ ରକ୍ଷାରେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରି ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ଏହି ଶିବିରର ଉଦଘାଟନ କରିଥିଲେ । ଶ୍ରୀ ତନ୍ତୀ ରକ୍ତଦାନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଯୁବପିଢ଼ିଙ୍କୁ ଏପରି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ । ବିପିୟୁଟି କୁଳପତି ପ୍ରଫେସର ଅମିୟ କୁମାର ରଥ ନିଜ ପ୍ରେରଣାଦାୟକ ଭାଷଣରେ ରକ୍ତଦାନର ଗୁରୁତ୍ୱ ଏବଂ ସମାଜ ଉପରେ ଏହାର ପ୍ରଭାବ ଉପରେ ଆଲୋଚନା କରିଥିଲେ । ସେ ଛାତ୍ରଛାତ୍ରୀମାନଙ୍କୁ ଶିବିରରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଏବଂ ମହାନ କାର୍ଯ୍ୟରେ ଯୋଗଦାନ ଦେବାକୁ ଉତ୍ସାହିତ କରିଥିଲେ । ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ ରାୟ, ରାଉରକେଲା ପୋଲିସ ଅଧିକ୍ଷକ ନିତେଶ ୱାଧୱାନୀ ଉପସ୍ଥିତ ଥିଲେ ଏବଂ ରକ୍ତଦାନ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିପିୟୁଟି ଛାତ୍ରମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା, ଯେଉଁମାନେ ରକ୍ତଦାନ କରି ସାମାଜିକ ଦାୟିତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ । ରକ୍ତଦାନ ପ୍ରକ୍ରିୟାକୁ ସହଜ କରିବା ପାଇଁ, ଦାତାଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନା ର ଦକ୍ଷ ଚିକିତ୍ସା ବୃତିଗତଙ୍କ ଏକ ଦଳ ଉପସ୍ଥିତ ଥିଲେ ।

## ଭଞ୍ଜ ଭବନରେ ଆୟୋଜିତ ହେଲା ପବିତ୍ର ଗୁରୁ ଦିବସ

### ଗୁରୁ ଦିବସରେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ପାଳିତ





ରାଉରକେଲା,୫/୯(ନି/ପ୍ର): ଭାରତର ଦ୍ୱିତୀୟ ରାଷ୍ଟ୍ରପତି ତଥା ଶିକ୍ଷାବିତ୍ ଓ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀକୁ ଆଜି ସମଗ୍ର ଭାରତ ବର୍ଷରେ ଗୁରୁ ଦିବସ ଭାବରେ ପାଳନ କରାଯାଉଛି । ଗୁରୁ ଦିବସ ଅବସରରେ ରାଉରକେଲାର ଭଞ୍ଜଭବନ ପରିସରରେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀଙ୍କ ଆବାହକତ୍ୱରେ ପୂଜ୍ୟପୂଜା ଉତ୍ସବ ପାଳିତ ହୋଇଯାଇଛି । ପୂଜ୍ୟପୂଜା ଉତ୍ସବରେ ଉଦ୍ଘାଟକ ଭାବରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମୀୟ କୁମାର ରଥ ଯୋଗ ଦେଇ ପୂଜ୍ୟପୂଜା ଉତ୍ସବକୁ ଉଦ୍ଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓ ଯୋଗଦେଇ ଗୁରୁ ଦିବସ ଅବସରରେ ନିଜର ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଲାଠିକଟା ବ୍ଲକ୍ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ସା, ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ସୁପ୍ରଭାତ୍ କୁମାର ବେହେରା ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ସମସ୍ତ ଅତିଥି, ଗୁରୁ, ଗୁରୁମାଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମର ଆୟୋଜକ ତଥା ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ନିଜର ସ୍ୱାଗତ ଭାଷଣ ଦେବା ପରେ ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ କରାଯାଇ ପୂଜ୍ୟପୂଜା ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଉଜ୍ଜ୍ୱାପନ କରିଥିଲେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ । ମୁଖ୍ୟ ଅତିଥି ତଥା ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ ଉମା ମହେଶ୍ୱର ରାଓ ତାଙ୍କ ସାରଗର୍ଭକ ଭାଷଣରେ ଦାର୍ଶନିକ ଓ ଗୁରୁ ତଥା ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିବା ସହିତ ଆଜିର ଶିଷ୍ୟ କିପରି ହେବା ଆବଶ୍ୟକ ସେ ବିଷୟରେ ବକ୍ତବ୍ୟ ରଖିଥିଲେ ।

## ଷ୍ଟିଲ ୱାର୍କସ ଫେଡ଼େରେସନ ଅଫ୍ ଇଣ୍ଡିଆର ୧୦ମ ସର୍ବଭାରତୀୟ ସମ୍ମିଳନୀ ୬ରୁ

ରାଉରକେଲା,୫/୯(ନି/ପ୍ର):ଷ୍ଟିଲ ୱାର୍କସ ଫେଡ଼େରେସନ ଅଫ୍ ଇଣ୍ଡିଆର ୧୦ମ ସର୍ବଭାରତୀୟ ସମ୍ମିଳନୀ ସେପଟ୍ଟେମ୍ବର ୬-୭ ଦୁଇଦିନ ଧରି ଇସ୍ପାତ ନଗରୀ ରାଉରକେଲାର ଭଞ୍ଜଭବନ ପ୍ରକ୍ଷାଳୟରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ସର୍ବଭାରତୀୟ ସମ୍ମିଳନୀ ରେ ଦେଶର ସମସ୍ତ ଇସ୍ପାତ କାରଖାନା ଓ ଖଣି ଶ୍ରମିକଙ୍କ ସର୍ବଭାରତୀୟ ପ୍ରାୟ ୩୦୦ ନେତୃତ୍ୱ ଯୋଗଦେଇ ଦେଶର ବିଭିନ୍ନ ରାଷ୍ଟ୍ରାୟତ ଇସ୍ପାତ ଉଦ୍ୟୋଗ ମାନଙ୍କ ସ୍ଥିତି, ଇସ୍ପାତ ଶ୍ରମିକ ମାନଙ୍କ ମଜୁରୀ ଚୁକ୍ତିନାମା ରେ ବିଳମ୍ବ, ରାଷ୍ଟ୍ରାୟତ ଉଦ୍ୟୋଗ ଓ ଶ୍ରମିକ, କର୍ମଚାରୀ ମାନଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂପର୍କରେ ନୀତି ନିର୍ଦ୍ଧାରଣ କରାଯିବା ସହିତ ନୂତନ ନେତୃତ୍ୱ ନିର୍ବାଚନ କରାଯିବ । ଏହି ସମ୍ମିଳନୀ ରେ ଫେଡେରେସନ ର ସର୍ବଭାରତୀୟ ସଭାପତି ତଥା ପୂର୍ବତନ ସାଂସଦ କମ୍ରେଡ୍ ତପନ ସେନ୍, ସର୍ବଭାରତୀୟ ଉପ ସଭାପତି କ. ବିଷ୍ଣୁ ମହାନ୍ତି, ସାଧାରଣ ସମ୍ପାଦକ କ. ଲଳିତ ମିଶ୍ରଙ୍କ ସମେତ ବହୁ ସର୍ବଭାରତୀୟ ନେତୃତ୍ୱ ଯୋଗଦେବେ । ସମ୍ମିଳନୀର ଉଦଘାଟନୀ ସମାରୋହ ସେପଟ୍ଟେମ୍ବର ୬ ତାରିଖ ( ଶନିବାର) ପୂର୍ବାହ୍ନ ୧୧ ଟା ସମୟରେ ଭଞ୍ଜଭବନ ପ୍ରକ୍ଷାଳୟରେ ଅନୁଷ୍ଠିତ ହେବ । ଉକ୍ତ ଦିନ ସଂଧ୍ୟା ୫.୩୦ ମିନିଟ ସମୟରେ ଆମ୍ବାଗାନ ଛକଠାରେ ଫେଡେରେସନ ପକ୍ଷରୁ ଏନ୍ ଜେ ସି ଏସ ରେ ତୁରନ୍ତ ମଜୁରୀ ଚୁକ୍ତିନାମା ଦାବିରେ ସମସ୍ତ ସର୍ବଭାରତୀୟ ନେତୃତ୍ୱ ଉପସ୍ଥିତ ରହି ବିକ୍ଷୋଭ ଅନୁଷ୍ଠିତ ହେବ ।

## ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଂଟ ତରଫରୁ ଗୁରୁଦିବସ



ରାଉରକେଲା,୫/୯(ନି/ପ୍ର): ରୋଟାରୀ କ୍ଲବ ଅଫ୍ ରାଉରକେଲା ଭାଇବ୍ରାଂଟ ତରଫରୁ ଲାଠିକଟା ବ୍ଲକ୍ ର କର୍ଲାଖମନ ସ୍ଥିତ ରାଧାକୃଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟ ଠାରେ ଗୁରୁଦିବସ ପାଳନ କରାଯାଇଛି । ଭାଇବ୍ରାଂଟର ସଭାପତି ରୋଟାରିଆନ ଡ ମୀନତି ପଣ୍ଡା ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡ ପଣ୍ଡା ଗୁରୁଦିବସ ପାଳନର ଆଭିମୁଖ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏହା ସହ ସେଠାରେ ଶିକ୍ଷାଦାନ କରୁଥିବା ସମସ୍ତ ୯ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଚନ୍ଦନ,ପୁଷ୍ପ ଓ ଉତରୀୟ ଦିଆଯାଇ ସମ୍ମାନିତ କରାଯିବା ସହ ସମସ୍ତଙ୍କୁ ଉପହାର ସ୍ୱରୂପ କାନ୍ଥ ଘଟାଂ ପ୍ରଦାନ କରାଯାଇଥିଲା । ରୋଟାରୀଆନ ଅଜିତ ମୋହନ ପୁଜାରୀ ଭଜନ ଓ ସଂଗୀତ ପରିବେଷଣ କରିଥିଲାବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରାର୍ଥନା ଗାନ କରିଥିଲେ । ପରେ ସମସ୍ତଙ୍କ ମଧ୍ୟରେ ମଧ୍ୟାହ୍ନ ଭୋଜନ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରୋଟାରିଆନ ଅର୍ଚ୍ଚନା ଦେବତା, ରୋଟାରୀଆନ ଡ ସଞ୍ଜୁକ୍ତା ପତି, ରୋଟାରୀଆନ ସବିତା ମହାନ୍ତି ଓ ଅତିଥି ଭାବେ ଆରତୀ ପଣ୍ଡା ଉପସ୍ଥିତ ଥିଲେ ।



ଶ୍ୟାମ ମନ୍ଦିରରେ ଜନ୍ମାଷ୍ଟମୀକୁ ନେଇ କଚେରୀ ରୋଡ଼ ଶ୍ରୀ ଗଣେଶ ପୂଜା କମିଟି ପକ୍ଷରୁ ବିସର୍ଜନ ଶୋଭାଯାତ୍ରା

## ଇସ୍ପାତ ସହର ସେକ୍ଟର-୧୬ର ଗଛ ଉପରେ ବିଶାଳ ସାପ



ରାଉରକେଲା, ୫/୯(ନି/ପ୍ର):ଇସ୍ପାତ ସହରର ସେକ୍ଟର-୧୬ରେ ଇସ୍ପାତ କଲେଜ ନିକଟରେ ଏକ ଗଛ ଉପରେ ଏକ ବିଶାଳ ସାପ ଦେଖାଯିବାରୁ ଉତ୍ତେଜନା ସୃଷ୍ଟି ହୋଇଥିଲା । ସାପଟିକୁ ଦେଖି ନିକଟସ୍ଥ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା ଏବଂ ଘଟଣାସ୍ଥଳରେ ବହୁ ସଂଖ୍ୟକ ଲୋକ ଜମା ହୋଇଥିଲେ । ସାପର ହଠାତ୍ ଦେଖାଯିବାରୁ ସ୍ଥାନୀୟ ଲୋକମାନେ ଭୟଭୀତ ହୋଇଯାଇଥିଲେ ଏବଂ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବନ ବିଭାଗକୁ ଖବର ଦିଆଯାଇଥିଲା । ବନ ବିଭାଗର ଦଳ ଘଟଣାସ୍ଥଳରେ ପହଚିଂ ସାପକୁ ସୁରକ୍ଷିତ ଭାବରେ ଧରିବା ପ୍ରକ୍ରିୟା ଆରମ୍ଭ କରିଥିଲେ । ଠିକ୍ ସମୟ ମଧ୍ୟରେ ସାପକୁ ନିୟନ୍ତ୍ରଣ କରାଯାଇଥିଲା ଏବଂ କୌଣସି ଅପ୍ରୀତିକର ଘଟଣା ଘଟି ନଥିବାରୁ ଲୋକମାନେ ଆଶ୍ୱସ୍ତି ଅନୁଭବ କରିଥିଲେ ।



ଶ୍ୟାମ ମନ୍ଦିରରେ ଏକାଦଶୀକୁ ନେଇ ଭଜନ ସଂଧ୍ୟା

## ହାତୀ ମୃତ୍ୟୁ ପାଇଁ କିଏ ଦାୟୀ !



ରାଜଗାଙ୍ଗପୁର,୫/୯ :ଟ୍ରେନ୍ ଧକ୍କାରେ ହାତୀର ମୃତ୍ୟୁ ପାଇଁ ଦାୟୀ କିଏ ! ବନ ବିଭାଗ ନାଁ ରେଳ ବିଭାଗ ! ତଦନ୍ତ ହେବ । କେତେ ଜଣ ସସପେଣ୍ଡ ହେବେ । ମାତ୍ର ଏଥିରେ ସମସ୍ୟାର ସମାଧାନ ହେବ ନାହିଁ । ଯେ ପର୍ଯ୍ୟନ୍ତ ରେଳ ବିଭାଗ ଏବଂ ବନ ବିଭାଗ ମଧ୍ୟରେ ସଠିକ୍ ସମ୍ବନ୍ୱୟ ରହି ନାହିଁ ସେ ପର୍ଯ୍ୟନ୍ତ ଏପରି ଭାବେ ହାତୀ ମୃତ୍ୟୁବରଣ କରୁ ଥିବେ । ଗତକାଲି ରାଜଗାଙ୍ଗପୁର ନିକଟ ସାଗରା ଏବଂ ସୋନା ଖାନ୍ ଷ୍ଟେସନ୍ ମଝିରେ ଟ୍ରେନ୍ ଦୁର୍ଘଟଣାରେ ଆହତ ଗଜରାଜ ଙ୍କୁ ଚିକିତ୍ସା ପାଇଁ ନେଉଥିବା ବେଳେ ମୃତ୍ୟୁ ହୋଇ ଯାଇଥିଲା ।

## ଆରଏସପିର ସ୍ପେଶାଲ୍ ପ୍ଲେଟ୍ ପ୍ଲାଂଟ ବିଭାଗରେ ପ୍ଲେଟ୍ ଟର୍ଣ୍ଣଓଭର ଡିଭାଇସ୍ ଉଦଘାଟିତ



ରାଉରକେଲା,୫/୯(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ସ୍ପେଶାଲ୍ ପ୍ଲେଟ୍ ପ୍ଲାଂଟ (ଏସପିପି) ବିଭାଗରେ ସେପଟ୍ଟେମ୍ବର ୨ ତାରିଖରେ ଏକ ନୂତନ ପ୍ଲେଟ୍ ଟର୍ଣ୍ଣଓଭର ଡିଭାଇସ୍ ଉଦଘାଟିତ ହୋଇଯାଇଛି । ଏନପିଏମ ଓ ଏସପିପି ବିଭାଗର ସିଜିଏମ ଶ୍ରୀ ଆର. କେ. ବିସାରେ ଏହି ଯନ୍ତ୍ରୋପୋକରଣର ଉଦଘାଟନ କରିଥିଲେ । ଏହି ଅବସରରେ ଏସପିପି ବିଭାଗର ଜିଏମ ଇନ-ଚାର୍ଜ ଶ୍ରୀ ପି. କେ. ପାଢିଙ୍କ ସହିତ ଏସପିପି ଏବଂ ନୂତନ ପ୍ଲେଟ୍ ମିଲ୍ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ନୂତନ ଭାବରେ ସ୍ଥାପିତ ଉପକରଣଗୁଡ଼ିକ ବଟମ ଗ୍ରାଇଣ୍ଡିଂ ଏବଂ ନିରୀକ୍ଷଣ କାର୍ଯ୍ୟ ସମୟରେ ପ୍ଲେଟ୍ ଗୁଡିର ସୁରକ୍ଷିତ ଏବଂ ଦକ୍ଷ ଘୂର୍ଣ୍ଣନକୁ ସହଜ କରିବ । ଏହା କାରଖାନା ମଧ୍ୟରେ ସୁରକ୍ଷା ବୃଦ୍ଧି, ଉତ୍ପାଦକତାରେ ଉନ୍ନତି ଏବଂ ମାନୁଆଲ୍ ହ୍ୟାଣ୍ଡେଲିଂ ବିପଦକୁ ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ଉକ୍ତ ସମାବେଶକୁ ସମ୍ବୋଧିତ କରି, ଶ୍ରୀ ବିସାରେ ଏହି ସୁବିଧାକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ପାଇଁ ଦଳର ପ୍ରୟାସକୁ ପ୍ରଶଂସା କରି କହିଥିଲେ ଯେ, "ଏହା, କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ କାର୍ଯ୍ୟକ୍ଷେତ୍ର ସୁରକ୍ଷାର ଉଚ୍ଚ ମାନଦଣ୍ଡ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ" । ଆହୁରି ମଧ୍ୟ ଶ୍ରୀ ପାଢି ମଧ୍ୟ ତାଙ୍କ ବକ୍ତବ୍ୟରେ, ଗୁଣାତ୍ମକ ପ୍ଲେଟ୍ ଉତ୍ପାଦନ ପାଇଁ ଏସପିପି ର ଖ୍ୟାତି ବଜାୟ ରଖିବା ପାଇଁ ଏପରି ଅଭିନବ ସମାଧାନ ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଉପସ୍ଥିତ କର୍ମଚାରୀମାନେ ଡିଭାଇସର ଶ୍ରେଷ୍ଠ ଉପଯୋଗ ନିମନ୍ତେ ସେମାନଙ୍କର ସଂକଳ୍ପ ପ୍ରକାଶ କରିବା ସହିତ ଏସପିପି ର କାର୍ଯ୍ୟଦକ୍ଷତା ଏବଂ ସୁରକ୍ଷା ସଂସ୍କୃତିକୁ ଆହୁରି ସୁଦୃଢ଼ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।